ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.248 Bhubaneswar Wednesday November 23 2022 | ୨୫ତମ ବର୍ଷ ସଂଖ୍ୟା–୨୪୮ ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ରେଳ ବଜେଟ୍: ଯେତିକି ମିଳିଛି, ତା'ଠୁ ବି କମ୍ ମାଗିଲା ଓଡିଶା

ଭୁବନେଶ୍ୱର,୨୨।୧୧(ପି.ଏନ): ରେଳବାଇ କ୍ଷେତ୍ରରେ ଓଡିଶା ପ୍ରତି କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି କ୍ଷମତାସୀନ ବିଜେଡିର ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜ୍ୟ ସରକାର ଆବଶ୍ୟକ ପରିମାଣର ପାଣ୍ଠି ଓଡିଶା ପାଇଁ ଦାବି କରିବାରେ ଫେଲ୍ ମାରିଛନ୍ତି । ଏପରିକି ୨୦୨୨–୨୩ ରେଳ ବଜେଟରେ ଓଡିଶାକୁ କେନ୍ଦ୍ର ସରକାର ଯେତିକି ଅର୍ଥ ମଞ୍ଜୁର କରିଛନ୍ତି ତା'ଠୁ ବି ପ୍ରାୟ ୧୩୩୪କୋଟି ଟଙ୍କା କମ୍ ପାଣ୍ଠି ୨୦୨୩–୨୪ ରେଳ ବଜେଟରେ ଆବଂଟନ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ପଠାଇବେ । ତେବେ ପଦମପୁର ଉପନିର୍ବାଚନ ପାଇଁ ଏବେ ବିଜେଡି–ବିଜେପି ମୁହାଁମୁହିଁ ହୋଇଥିବା ନୂଆପଡା ରୋଡ–ବରଗଡ ରୋଡ୍ ଭାୟା ପଦମପୁର(୧୪୨କିମି) ରେଳ ମାର୍ଗ ପ୍ରକଳ୍ପ ପାଇଁ ୧୦୦କୋଟି ଟଙ୍କାର ବ୍ୟୟବରାଦ ୨୦୨୩–୨୪ ବଜେଟରେ ବ୍ୟବସ୍ଥା କରିବାକୁ ମଧ୍ୟ ଓଡିଶା ପ୍ରସ୍ତାବ ପଠାଇବ ବୋଲି ରାଜ୍ୟ ଅର୍ଥ ବିଭାଗକୁ ଚିଠି ଲେଖି ପରିବହନ ବିଭାଗ ଜଣାଇଛି ।ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୨୦୨୩–୨୪ ଆର୍ଥିକ ବର୍ଷ ବଜେଟରେ ଓଡିଶାର ରେଳବାଇ ବିକାଶ ଓ ଭିତ୍ତିଭୂମି କ୍ଷେତ୍ର ନିମନ୍ତେ ମୋଟ ୮୪୦୦କୋଟି ଟଙ୍କାର ଦାବି କେନ୍ଦ୍ର ସରକାରଙ୍କ ପାଖରେ ଉପସ୍ଥାପନ କରାଯିବ ବୋଲି ରାଜ୍ୟ ଅର୍ଥ ବିଭାଗକୁ ଅବଗତ କରାଯାଇଛି । ଯଦିଓ ୨୦୨୨–୨୩ ଆର୍ଥିକ ବର୍ଷରେ ଓଡିଶାରେ ରେଳବାଇ କ୍ଷେତ୍ରର ବିକାଶ ନିମନ୍ତେ କେନ୍ଦ୍ର ସରକାର ୯୭୩୪କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଓଡିଶା ସରକାରଙ୍କ ପରିବହନ ବିଭାଗ ଗୋଟିଏ ପଟେ ରେଳବାଇ କ୍ଷେତ୍ରର ଭିତ୍ତିଭୂମି ବିକାଶ ନିମନ୍ତେ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ସହ ଦେଶର ସାମଗ୍ରିକ ସ୍ଥିତିର ଉଦାହରଣ ଦେଉଥିବାବେଳେ ଅନ୍ୟପଟେ ଆବଶ୍ୟକ ପରିମାଣର ପର୍ଯ୍ୟାପ୍ତ ପାଣ୍ଠି ରାଜ୍ୟର ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ଦାବି ଉପସ୍ଥାପନ କରିବାରେ ଫେଲ୍ ମାରିଛି ।ଓଡିଶା ସରକାର ଦର୍ଶାଇଛନ୍ତି ଯେ, ଭାରତୀୟ ରେଳବାଇ ପ୍ରତିବର୍ଷ ଭଡା ଆଦି ବାବଦରେ ପ୍ରାୟ ୨୦ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଛି । କିନ୍ତୁ ଜାତୀୟ ହାର ତୁଳନାରେ ଓଡିଶାରେ ରେଳ ସାନ୍ଦ୍ରତା ଖୁବ୍ କମ୍ ରହିଛି । ରେଳ ସାନ୍ଦ୍ରତାର ଜାତୀୟ ହାର ୨୧ ଥିବାବେଳେ ଓଡିଶାରେ ଏହା ୧୮ରେ ରହିଛି । କିନ୍ତୁ ପଶ୍ଚିମବଙ୍ଗରେ ଏହି ପରିମାଣ ହାରାହାରି ୪୮ ଓ ଝାଡଖଣ୍ଡରେ ୩୩ ଅଛି । ତେଣୁ ରାଜ୍ୟରେ ରେଳ ନେଟୱାର୍କର ସମ୍ପ୍ରସାରଣ କରି ପଡ଼ୋଶୀ ରାଜ୍ୟଗୁଡିକ ସହ ରେଳ ସାନ୍ଦ୍ରତା ହାର ସମାନ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଓଡିଶା ପକ୍ଷରୁ ଯୁକ୍ତି ଦର୍ଶାଯାଇଛି । ଏପରିକି ରାଜ୍ୟରେ ରେଳ ଭିତ୍ତିଭୂମି ସୃଷ୍ଟି କରିବା ଦାୟିତ୍ୱ ଭାରତ ସରକାରଙ୍କ ହୋଇଥିଲେ ମଧ୍ୟ ଓଡିଶା ସରକାର ଯୌଥ ଉଦ୍ୟୋଗ ଓ ଏସପିଭି ମାଧ୍ୟମରେ



ରେଳ ମନ୍ତ୍ରଣାଳୟ ସହ ମିଶି ରାଜ୍ୟରେ ନୂଆ ରେଳମାର୍ଗ ଓ କରିଡର ନିର୍ମାଣ ପାଇଁ ମାଗଣା ଜମି ଓ ପାଣ୍ଠିର ମଧ୍ୟ ସହଯୋଗ କରୁଛି । ତେଣୁ ଓଡିଶାରେ ରେଳ ଭିତ୍ତିଭୂମିର ବିକାଶ ଯଥା ଜାରି ରହିଥିବା ପ୍ରକଳ୍ପ, ନୂଆ ମାର୍ଗର ମଞ୍ଜୁରୀ, ଷ୍ଟେସନର ଆଧୁନିକୀକରଣ, ନୂଆ ଟ୍ରେନ ପ୍ରଚଳନ, ପୁରୁଣା ଟ୍ରେନର ସମ୍ପ୍ରସାରଣ, ଷ୍ଟେସନରେ ଯାତ୍ରୀ ସୁବିଧାରେ ସୁଧାର, ରେଳଭିତ୍ତିକ ଶିଳ୍ପ ସ୍ଥାପନ, ମଲଟି ମୋଡାଲ ଲଜିଷ୍ଟିକ ପାର୍କ ଆଦି ପାଇଁ ୨୦୨୩–୨୪ ବଜେଟରେ ଅତିକମରେ ମୋଟ ୮୪୦୦କୋଟି ଟଙ୍କାର ବ୍ୟୟବରାଦ କରିବା ନିମନ୍ତେ ଓଡିଶା ସରକାର ଦାବି ଉପସ୍ଥାପନ କରିଛନ୍ତି ।ମୋଟ ୧୭ଟି ପ୍ରସ୍ତାବକୁ ଆଗାମୀ ଆର୍ଥିକ ବର୍ଷର ବଜେଟରେ ସାମିଲ କରିବାକୁ ଓଡିଶା ସରକାର ପ୍ରସ୍ତାବ ଦେଇଛନ୍ତି । ସେଗୁଡିକ ହେଲା ଗୋପାଳପୁର–ରେଢ଼ାଖୋଲ(୨୫୦କିମି) ରେଳମାର୍ଗ ପାଇଁ ୨୦୦କୋଟି, ନୂଆପଡା–ଗୁଣୁପୁରୁ ଲାକୁ ଥେରୁଭାଲି ପର୍ଯ୍ୟନ୍ତ(୭୯କିମି) ସମ୍ପ୍ରସାରଣ ପାଇଁ ୩୦୦କୋଟି, ପୁରୀ–କୋଣାର୍କ(୩୮କିମି) ପାଇଁ ୧୦୦କୋଟି, ନୂଆପଡା–ବରଗଡ ଭାୟା ପଦମପୁର(୧୪୨କିମି)–୧୦୦କୋଟି, ଯାଜପୁର କେନ୍ଦୁଝର ରୋଡ–ଧାମରା ବନ୍ଦର ଭାୟା ଆରଡି(୯୫କିମି)–୧୦୦କୋଟି, ତାଳଚେର–ଅନୁଗୁଳ–୧୦୦କୋଟି, ପାରାଦୀପ–ଧାମରା ରେଳ ଲିଙ୍କ(୮୦କିମି)–୫୦କୋଟି, ବୁରାମରା–ଚକୁଲିଆ–୧୦୦କୋଟି, କେନ୍ଦୁଝର–ବାଦାମପାହାଡ–୧୦୦କୋଟି, ଖୋର୍ଦ୍ଧା ରୋଡ–ବଲାଙ୍ଗିର–୧୨୦୦କୋଟି, ତାଳଚେର–ବିମଳାଗଡ(୧୫୪କିମି)–୮୦୦କୋଟି, ଜଳେଶ୍ୱର–ଦୀଘା(୪୧କିମି)–୧୦୦କୋଟି, ଜୁନାଗଡ–ନବରଙ୍ଗପୁର(୧୧୮କିମି)–୧୦୦କୋଟି, ନବରଙ୍ଗପୁର–ଜୟପୁର(୩୮କିମି)–୧୫୦କୋଟି, ଜୟପୁର–ମାଲକାନଗିରି(୧୩୦କିମି)–୩୦୦କୋଟି, ମାଲକାନଗିରି–ଭଦ୍ରାଚଳମ–୧୦୦କୋଟି ଓ ଅନ୍ୟ ଜାରି ରହିଥିବା ରେଳମାର୍ଗ ଦୋହରୀକରଣ, ତୃତୀୟ ଓ ଚତୁର୍ଥ ଲାଇନ ନିର୍ମାଣ, ଭୁବନେଶ୍ୱର, ପୁରୀ, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ବାଲେଶ୍ୱର ଓ ଅନ୍ୟ ପ୍ରମୁଖ ଷ୍ଟେସନ ଆଧୁନିକରଣ ଆଦି ବାବଦରେ ବାକି ୪୫୦୦କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରିବାକୁ ଓଡିଶା ପ୍ରସ୍ତାବ ରଖିବ ।ତେବେ ପ୍ରଶ୍ନ ଉଠୁଛି ପ୍ରାୟ ୨୦ହଜାର କୋଟି ଟଙ୍କାର ରେଳ ରାଜସ୍ୱ ଓଡିଶାରୁ ପାଉଥିବା କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ୯୭୩୪ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ଓଡିଶା ସରକାର ଆଗାମୀ ଆର୍ଥିକ ବର୍ଷରେ ଏହି ପରିମାଣଠୁ ଅଧିକ ଦାବି କରିବାରେ ସମସ୍ୟା କେଉଁଠି ରହିଛି ? ଓଡିଶା ପ୍ରତି ରେଳବାଇ କ୍ଷେତ୍ରରେ କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ଶାସକ ଦଳ ଚିତ୍କାର କରୁଥିଲେ ମଧ୍ୟ ସ୍ୱତନ୍ତ୍ର ପ୍ରକଳ୍ପ ଓ ପ୍ରାବଧାନରେ ଓଡିଶାର ରେଳବାଇ କ୍ଷେତ୍ର ପାଇଁ ଅଧିକ ଅର୍ଥ ଦାବି କରିବାରେ ରାଜ୍ୟ ସରକାର କାହିଁକି ବିଫଳ ହୋଇଛନ୍ତି ?ସୂଚନାଯୋଗ୍ୟ, ଓଡିଶା ସରକାର ୨୦୨୦–୨୧ ରେଳ ବଜେଟରେ ପ୍ରାୟ ୬ହଜାର କୋଟି ଟଙ୍କା ଦାବି ରଖିଥିବାବେଳେ ଓଡିଶାକୁ ୪୩୭୩କୋଟି ଟଙ୍କା ମିଳିଥିଲା । ୨୦୨୧–୨୨ରେ ପ୍ରାୟ ୧୨୦୦କୋଟି ଟଙ୍କା ଅଧିକ ଅର୍ଥାତ ୭୨୦୦କୋଟି ଟଙ୍କାର ଦାବି କରିଥିଲେ ଓ ରାଜ୍ୟକୁ ୬୯୯୫କୋଟି ଟଙ୍କା ମିଳିଥିଲା । ସେହିପରି ଚଳିତ ଆର୍ଥିକ ବର୍ଷ ୨୦୨୨–୨୩ ରେ ୭୬୦୦କୋଟି ଟଙ୍କା ଦାବି ରଖିଥିଲେ ବି ପ୍ରାୟ ୨୧୩୪କୋଟି ଟଙ୍କା ଅଧିକ ମିଳିଛି ।

## କାଲିଠୁ ମାଟ୍ରିକ୍ ସମେଟିଭ୍ ପରୀକ୍ଷା

କଟକ/ଭୁବନେଶ୍ୱର, ୨୨।୧୧(ପି.ଏନ): ଆସନ୍ତାକାଲି (ବୁଧବାର)ଠୁ ଆରମ୍ଭ ହେବାକୁ ଯାଉଛି ଦଶମ ଶ୍ରେଣୀର ପ୍ରଥମ ସମେଟିଭ ପରୀକ୍ଷା। ସେଥିପାଇଁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସମସ୍ତ ନୋଡାଲ ସେଂଟର ମାନଙ୍କୁ ପ୍ରଶ୍ନ ପତ୍ର ପଠାଯାଇଛି । କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି । ବୋର୍ଡସ୍ତରୀୟ ଜିଲ୍ଲା ଶିକ୍ଷା ଅଧିକାରୀସ୍ତରୀୟ ବ୍ୟବସ୍ଥା କରାଯାଇଛି ।ସେହିପରି ପୂର୍ବରୁ ଯେଉଁ ସବୁ ସେଂଟରରେ କପି ହେଉଥିବାର ନଜିର ରହିଛି। ସେଠି କପି ରୋକିବା ପାଇଁ ଅବଜରଭର ରଖାଯାଇଛି। ପରୀକ୍ଷା କେନ୍ଦ୍ରରେ ମୋବାଇଲ ଫୋନ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଚଳିତବର୍ଷ ଛାତ୍ର ଛାତ୍ରୀ ନିଜ ସ୍କୁଲରେ ପରୀକ୍ଷା ଦେବେ ନାହିଁ । ସମେଟିଭ ୧ ଓ ସମେଟିଭ ୨ ମାର୍କକୁ ଦେଖି ଛାତ୍ରଛାତ୍ରୀଙ୍କ ଫଳ ପ୍ରକାଶ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ ଚଳିତ ମାସ ୨୩ରୁ ୩୦ ତାରିଖ ଯାଏଁ ମାଟ୍ରିକ ସମ୍ମେଟିଭ୍ ଆସେସ୍‌ମେଂଟ–୧ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୩୦ ଜିଲ୍ଲାର ୩୦୨୯ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଚଳିତବର୍ଷ ୫ ଲକ୍ଷ ୪୦ ହଜାର ୭୧୨ ଜଣ ଛାତ୍ରଛାତ୍ରୀ ୩୦୨୯ଟି କେନ୍ଦ୍ରରେ ପରୀକ୍ଷା ଦେବେ। ସେହିପରି ମଧ୍ୟମାରେ ୨୯୧୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୧୦୮ଟି କେନ୍ଦ୍ର ଥିବା ବେଳେ ଓପନ ସ୍କୁଲ୍ ସାର୍ଟିଫିକେଟ୍ ପାଇଁ ୭୧୮୧ ଜଣ ପରୀକ୍ଷାର୍ଥୀ ୧୪୬ଟି କେନ୍ଦ୍ରରେ ପରୀକ୍ଷା ଦେବେ। ନକ୍ସଲ ପ୍ରଭାବିତ ଅଂଚଳରେ ୨୨ଟି ନୋଡାଲ ସେଂଟର୍ କରାଯାଇଛି। ଯେଉଁଥିରେ କନ୍ଧମାଳ ୭ଟି, ମାଲକାନଗିରି ୧୦ଟି, କୋରାପୁଟର ୫ଟି ଥାନାକୁ ସାମିଲ କରାଯାଇଛି। ଚଳିତବର୍ଷ ସ୍କୁଲଠାରୁ ୧୦ କିମି ଭିତରେ ସବୁ ସେଂଟର କରାଯାଇଛି। ପରୀକ୍ଷାର ପ୍ରଥମ ଦିନ ସକାଳ ୯ଟାରେ ଛାତ୍ରଛାତ୍ରୀମାନେ ସେଂଟର ଭିତରକୁ ପ୍ରବେଶ କରିବେ। ଅନ୍ୟଦିନରେ ସକାଳ ୯.୧୫ ମିନିଟ୍ ରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବେ। ପରୀକ୍ଷା ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। କେବଳ ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ୍ ସମୟ ମିଳିବ।

## ପଦ୍ମପୁର ଉପନିର୍ବାଚନ ପାଇଁ ବିଜେପିର ଘମାସାନ ପ୍ରଚାର

ପଦ୍ମପୁର/ଭୁବନେଶ୍ୱର, ୨୨।୧୧(ପି.ଏନ); ପଦ୍ମପୁରର ଲୋକମାନଙ୍କ ପ୍ରତି ଶାସକ ବିଜୁ ଜନତା ଦଳ କରିଥିବା କ୍ରମାଗତ ଅବହେଳା ବିରୋଧରେ ଲୋକମାନେ ସ୍ୱର ଉଠାଇଲେଣି । ରାଜ୍ୟ ସରକାରଙ୍କର ଅପାରଗତା ଓ ବୀମା କମ୍ପାନୀମାନଙ୍କ ସହିତ ମଧୁଚନ୍ଦ୍ରିକା କାରଣରୁ ଫସଲ ବୀମା ଯୋଜନାରେ ଚାଷୀମାନେ ସେମାନଙ୍କର ନ୍ୟାର୍ଯ୍ୟ ହକରୁ ବଂଚିତ ହେଉଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ହସ୍ତକ୍ଷେପ ଏହାର ସମାଧାନ ହେଲା, ଚାଷୀମାନଙ୍କୁ ବୀମା ଅର୍ଥ ମିଳିଲା। ସେହିଭଳି ପଦ୍ମପୁରରେ ରେଳ ଚାଲିବା ପାଇଁ ଥିବା ବହୁତ ଦିନର ଦାବିକୁ କେନ୍ଦ୍ର ସରକାର ୨୦୨୧ରେ ଅନୁମୋଦନ ଦେଇସାରିଥିବା ବେଳେ ରାଜ୍ୟ ସରକାର ଜମି ଯୋଗାଇ ନଦେବା ପାଇଁ ପ୍ରକଳ୍ପ କାମ ଆଗେଇ ପାରୁନି

## ମାଲକାନଗିରିରେ ୨୫ କୋଟି ଟଙ୍କାର ୬ଟି ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମାଲକାନଗିରି ଜିଲ୍ଲା ପାଇଁ ୬ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି। ଏଥିପାଇଁ ୨୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହିସବୁ ପ୍ରକଳ୍ପଗୁଡିକ ଜିଲ୍ଲାର ସାମାଜିକ ଓ ଆର୍ଥିକ ବିକାଶକୁ ଆହୁରି ଆଗେଇ ନେବ ।ଭିଡିଓ କନ୍ଫରେନ୍ସିଂ ଜରିଆରେ ପ୍ରକଳ୍ପ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ମାଲକାନଗିରି ସବୁବେଳେ ମୋ ପାଇଁ ସ୍ୱତନ୍ତ୍ର ହୋଇ ରହିଛି । ମାଲକାନଗିରିର ବିକାଶ କାମ ମୋତେ ସବୁଠାରୁ ଅଧିକ ଖୁସି ଦେଇଥାଏ। ମୋର ପୂର୍ଣ୍ଣ ବିଶ୍ୱାସ, ମାଲକାନଗିରି ପରିଚୟ ଆଗକୁ ଆହୁରି ଉଜ୍ଜଳ ହେବ। ରାଜ୍ୟର ଏକ ଆଗୁଆ ଜିଲ୍ଲା ଭାବରେ ବିକାଶ ମାନଚିତ୍ରରେ ମାଲକାନଗିରି ନିଜର ସ୍ଥିତିକୁ ଆହୁରି ଦୃଢ କରିବ।'ଆଜି ଉଦ୍ଘାଟିତ ହୋଇଥିବା ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି – ଅନ୍ୱେଷା କାର୍ଯ୍ୟକ୍ରମରେ ଶିକ୍ଷାଗ୍ରହଣ କରୁଥିବା ଅନୁସୂଚିତ ଜନଜାତି ଓ ଜାତି ପିଲାମାନଙ୍କ ପାଇଁ ଦୁଇଟି ହଷ୍ଟେଲ। ଏଥିରେ ୬୦୦ ପୁଅ ଓ ୬୦୦ ଝିଅ ରହିବପାଇଁ ବ୍ୟବସ୍ଥା କରାଯାଇଛି। ମୋଟୁ ଟ୍ରାଇ ଜଙ୍କସନ୍ଠାରେ ବିଜୁ ପଟ୍ଟନାୟକ ଅନ୍ତଃରାଜ୍ୟ ବସ୍ ଟର୍ମିନାଲ । ଏହା ଜିଲ୍ଲା ସହିତ ଛତିଶଗଡ ଓ ଆନ୍ଧ୍ରପ୍ରଦେଶକୁ ଗମନାଗମନ ସୁଗମ କରିଛି। ଏହାସହିତ ମାଲକାନଗିରି ବଣ୍ଡା ଅଂଚଳକୁ ଯୋଡୁଥିବା ଏକ ଉଚ୍ଚସ୍ତରୀୟ ସେତୁ ଓ ବାଲିମେଳା ଠାରେ ତମସା ନଦୀ ଉପରେ ବିଜୁ ସେତୁ, କ୍ରୀଡାର ବିକାଶ ପାଇଁ ଏକ ଜୁଡୋ ଏକାଡେମୀ ଓ ପିଲାମାନଙ୍କ ପାଇଁ ଏକ ସ୍ୱଧାର ଗୃହ ।ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାରେ ଦ୍ରୁତ ବିକାଶ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ମାଲକାନଗିରିବାସୀ କଥାଜି ବିକାଶ ସହ ଯୋଡି ହୋଇ ରହିଛନ୍ତି।

## ସ୍ୱର୍ଗତ ଭାଗବାନ କରଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ

### *ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ମାନ ଦଣ୍ଡ...*

ମଣିଷ ଏହି ଧାରା ପୃଷ୍ଠରେ ଜନ୍ମ ନେଇଥିଲେ ମଧ୍ୟ ତାର କର୍ମକ୍ଷେତ୍ର ରେ ତ୍ୱରାନ୍ୱିତ ହୋଇ ପୁଣି ଥରେ ଫେରିଯାଏ ଆଉ ଏକ ନୂତନ ଦିଗନ୍ତ କୁ, ଇହଲୀଳା ସମ୍ବରଣ କରିଥାଏ । ଏହା ହେଉଛି ଆମ ଜୀବନର ରଙ୍ଗମଞ୍ଚ, ଏହି ରଙ୍ଗମଞ୍ଚ ରେ ଅଭିନୟ କରି ସେ ଛାଡିଯାଇଥିବା ସ୍ମୃତି ଅନୁଭୂତି କୁ ତାଙ୍କର ପିଢ଼ିମାନେ ମାନେ ପକାଇଥାନ୍ତି । ଏମିତି ଜଣେ ସଫଳ ବ୍ୟକ୍ତିତ୍ୱ ଯିଏକି ନିଜ ଚାକିରୀ କ୍ଷେତ୍ରରେ ସମସ୍ତଙ୍କୁ ନିଜର କର୍ମମୟ ଜୀବନରେ ଭଲ ପାଇଆସୁଥିବା ବ୍ୟକ୍ତିତ୍ୱ ସେ ହେଉଛନ୍ତି ସ୍ୱର୍ଗତ ଭାଗବାନ କର ଓ ସ୍ୱର୍ଗତ କର ତା ୦୨/୦୪/୧୯୪୧ ମସିହାରେ କେନ୍ଦୁଝର ଜିଲ୍ଲା ଅଙ୍ଗାରୁଆ ଶାସନ ର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ସେତେବେଳ ସମୟରେ ୧୯୫୬ ମସିହାରେ ସେ ନିଜର ଏକାଦଶ ପାଠପଢ଼ା ଶେଷ କରି ଇଞ୍ଜିନିୟରିଂ ପାଠ ପଢ଼ିଥିଲେ କ୍ଷ ପରେ ଓଡ଼ିଶା ସରକାର ଙ୍କ ଖଣି ବିଭାଗରେ ପରିଚାଳକ ଭାବେ ୧୯୬୦ ମସିହାରେ ଯୋଗ ଦେଇଥିଲେ ।ଏହା ପରେ ଦୀର୍ଘ ୩୩ ବର୍ଷ କର୍ଯ୍ୟ କରିବାପରେ ୧୯୯୩ ମସିହାରେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିଲେ । ତାଙ୍କର ଚାକିରି ଜୀବନ ଭିତରେ ସେ ଓଡ଼ିଶା ଖଣି ନିଗମ ଅଧୀନରେ ଥିବା ଟୋରୀ, କଲରଙ୍ଗୀ, ଯାଜପୁର ରୋଡ,ବଣାଇ, କୋଇଡ଼ା, ଯୋଡ଼ା, ଦଣ୍ଡାଧର, ଗନ୍ଧମାର୍ଦ୍ଦନ, କାଠପାଳ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ । କର୍ମମୟ ଜୀବନ ଭିତରେ ସେ ବହୁ ଶିକ୍ଷିତ ଯୁବକମାନଙ୍କୁ କର୍ମ କରିବାର ସୁଯୋଗ ଦେଇଥିଲେ, ତାହା ସହିତ ସମାଜର ଦୁଃଖୀ, ରଙ୍କ ଗରିବ ଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ପରେ ସେ ଦାନଗଦୀ କୁ ନିଜର ବାସସ୍ଥାନ ଭାବରେ ଗ୍ରହଣ କରିଥିଲେ କ୍ଷ ସ୍ୱର୍ଗତ କର ନିଜର କର୍ମମୟ ଜୀବନରୁ ଅବସର ଗ୍ରହଣ ପରେ ଦାନଗଦୀ ଅଂଚଳର ଜଣେ ମିଷ୍ଟଭାଷୀ ଓ ମେଳାପୀ, ଜଣାଶୁଣା ମଣିଷ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ । ସ୍ୱର୍ଗତ କର ଡିସେମ୍ବର ମାସ ୩ ତାରିଖ ୨୦୨୧ ରେ ଇହଲୀଳା ସମ୍ବରଣ କରିଥିଲେ । ଓଡ଼ିଶାର ସଂସ୍କୃତି, ଓଡ଼ିଆ ତିଥି ଅନୁସାରେ ୨୩ ନଭେମ୍ବର ୨୦୨୨ ରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି । ଏହି ଅବସରରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି 'କର ପରିବାର' ଓ 'ପର୍ଯ୍ୟବେକ୍ଷକ' ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛୁ ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ ଭଗବାନ କର

ଆବିର୍ଭାବ : ୦୨.୦୪.୧୯୪୧
ତିରୋଧାନ : ୦୩.୧୨.୨୦୨୧
ଦାନଗଦି, କଳିଙ୍ଗ ନଗର, ଯାଜପୁର

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ଧର୍ମପତ୍ନୀ ଲକ୍ଷ୍ମୀପ୍ରିୟା, ପୁତ୍ର–ପୁତ୍ରବଧୂ : ସପନ–କୁନି,
ଦୀପକ–ସିପି, ପ୍ରଦୀପ–ଭାରତୀ, ଚନ୍ଦନ–ଲିପ୍ସା,
ନାତି –ନାତୁଣୀ : ଚଗ, କାହ୍ନା, ଗୁଡୁ,
ଦେବୁ,ମୁନୁ,ଇଶୁ
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାର ବର୍ଗ ।

## ରାଜ୍ୟ ସରକାରଙ୍କ କୃଷି ଓ କୃଷିମାରଣ ନୀତି ବିରୁଦ୍ଧରେ ଲୋୟର ପିଏମ୍‌ଜିରେ ସତ୍ୟାଗ୍ରହର ପଂଚମ ଦିନ

ଭୁବନେଶ୍ୱର,୨୨।୧୧(ପି.ଏନ) : ଭୋଟ୍ ସର୍ବସ୍ୱ ଶାସକ ବିଜେଡି ଓଡିଶାବାସୀଙ୍କ ପ୍ରତି ଥିବା ନିଜ ଦାୟୀତ୍ୱ ଏବଂ କର୍ତବ୍ୟରୁ ଓହରି ଯାଇ କେବଳ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛି । ରାଜ୍ୟର ଚାଷୀ ଭାଇ ଓ ଭଉଣୀମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ସଠିକ ମୂଲ୍ୟରେ ଏବଂ ବ୍ୟବସ୍ଥିତ ଭାବେ ବିକ୍ରି କରିବା ପାଇଁ ଚାହିଁ ରହିଥିବାବେଳେ ଏହି ବିଭାଗର ମନ୍ତ୍ରୀମାନେ ନିଜ ଦାୟୀତ୍ୱ ଏବଂ କର୍ତବ୍ୟରୁ ଓହରି ଯାଇ ବର୍ତମାନ ପଦ୍ମପୁର ଉପନିର୍ବାଚନ ବିଜେଡି ପ୍ରଚାର କାର୍ଯ୍ୟରେ ମାତିଛନ୍ତି । ବିଶେଷ ଭାବେ ରାଜ୍ୟ କୃଷି ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମବାୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ଅତନୁ ସବ୍ୟସାଚୀ ବରଗଡ ଜିଲ୍ଲା ପଦ୍ମପୁରଠାରେ ଡେରା ପକାଇଛନ୍ତି । ଧାନ କିଣା ଦାୟୀତ୍ୱରେ ଥିବା ଏହି ଦୁଇ ଜଣ ମନ୍ତ୍ରୀ ଯଦି ନିଜ କର୍ତବ୍ୟକୁ ଭୁଲି ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବେ, ତାହେଲେ ସୁବ୍ୟବସ୍ଥିତ ଧାନ କିଣାର ତଦାରଖ୍ ଏବଂ ଚାଷୀ ସମସ୍ୟାର ସମାଧାନ କିଏ କରିବ ? ଚାଷୀଙ୍କ ଟଙ୍କାକୁ ରାଜ୍ୟ ସରକାର କାହିଁକି ହଡପ୍ କରୁଛନ୍ତି ବୋଲି ରାଜ୍ୟ ଉପସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି ।ଆଜି ସତ୍ୟାଗ୍ରହ ସ୍ଥଳୀରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ ନଭେମ୍ବର ୨ ତାରିଖରୁ ବିଭିନ୍ନ




ମଣ୍ଡି ଜରିଆରେ ଧାନ କିଣା ଯିବ ବୋଲି ଧାର୍ଯ୍ୟ ହୋଇଥିଲା । କେବଳ ପଦ୍ମପୁର ଉପନିର୍ବାଚନକୁ ଆଖି ଆଗରେ ରଖି ଏବଂ ଚାଷୀଙ୍କ ଆକ୍ରୋଶରୁ ବଂଚିବା ପାଇଁ ରାଜ୍ୟ ସରକାର ୧୯ଦିନ ବିଳମ୍ବରେ ଗତକାଲି ବରଗଡ ଜିଲ୍ଲାରୁ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଲେ । ୩ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟୀତ୍ୱରେ ଥିବା ଏହି ୨ ଜଣ ମନ୍ତ୍ରୀଙ୍କ ଜିଲ୍ଲାରେ ଥିବାବେଳେ ଗତ କାଲିଠାରୁ ଆରମ୍ଭ ହୋଇଥିବା ଧାନ କିଣାରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି, ଯାହାକି ଅତ୍ୟନ୍ତ ଲଜ୍ଜାଜନକ । ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ କେବଳ ବରଗଡ ଜିଲ୍ଲାରୁ ଧାନ କିଣା ଯାଉଥିବାବେଳେ ମିଲରମାନଙ୍କ ସହିତ ଡିଲ୍ ସରି ନଥିବାରୁ ଅନ୍ୟ ଜିଲ୍ଲାମାନଙ୍କରେ ରାଜ୍ୟ ସରକାର ବର୍ତମାନ ସୁଦ୍ଧା ଧାନ କିଣୁ ନାହାନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି ।କୃଷକଙ୍କ ଆକ୍ରୋଶକୁ ଚାପି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୨୦୦ କୋଟି ଟଙ୍କାର ଇନପୁଟ୍ ସବସିଡିର କୌଣସି ମୂଲ୍ୟ ନାହିଁ । ବର୍ତମାନ ସୁଦ୍ଧା ମରୁଡି ଘୋଷଣା ହୋଇନଥିବାବେଳେ କେଉଁ ଆଧାରରେ, କେଉଁ ଜିଲ୍ଲା, କେଉଁ ପଂଚାୟତ, କେଉଁ ଗ୍ରାମର କେଉଁ ଚାଷୀଙ୍କୁ ଇନପୁଟ ସବସିଡି ଟଙ୍କା ପ୍ରଦାନ କରାଯିବ ତାର ତାଲିକା ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ । ସେହିପରି ୨୦୧୪ ମସିହାରେ ବରଗଡ ଜିଲ୍ଲା ସୋହେଲାଠାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୧୦୦ ଟଙ୍କାର ବୋନସ ପ୍ରଦାନ କରିବାକୁ ଶ୍ରୀ ବକ୍ସିପାତ୍ର ଦାବୀ କରିଛନ୍ତି ।ପ୍ରଧାନମନ୍ତ୍ରୀ ଫସଲ ବୀମାରେ ରାଜ୍ୟ ସରକାର ଏବଂ ବୀମା କଂପାନୀ ମଧ୍ୟରେ ମଧୁଚନ୍ଦ୍ରିକା କାରଣରୁ ଚାଷୀମାନେ ହଇରାଣ ହେଉଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପରେ ରାଜ୍ୟ ସରକାରଙ୍କ ସମସ୍ତ ଚଂଚକତା ପଦାରେ ପଡିଲା । ରାଜ୍ୟ ସରକାର ଖିଲାପକାରୀ ବୀମା କଂପାନୀ ବିରୁଦ୍ଧରେ ମାମଲା ରୁଜୁ କରିବା ସହିତ ଚାଷୀମାନଙ୍କ ଟଙ୍କା ଶୀଘ୍ର ପଠାଇବାର ବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ବକ୍ସିପାତ୍ର ଦାବୀ କରିଛନ୍ତି ।ରାଜ୍ୟ ସରକାରଙ୍କ କୃଷି ଓ କୃଷିମାରଣ ନୀତି ବିରୁଦ୍ଧରେ ଗତ ୫ ଦିନ ହେଲାଣି ଲୋୟର ପିଏମ୍‌ଜିରେ ବିଜେପିର ସତ୍ୟାଗ୍ରହ ଜାରୀ ରହିଛି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜେନ୍ଦ୍ର ପଣ୍ଡା, ଠାକୁର ରଞ୍ଜିତ ଦାସ, ଜିଲ୍ଲା ସଭାପତି ଗୌତମ ରାୟ, ବାବୁ ସିଂ, ଆଶ୍ରିତ ପଟ୍ଟନାୟକ, ରାଜ୍ୟ ସଂପାଦକ ପିଙ୍କି ପ୍ରଧାନ, ଅମର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ମହାନ୍ତି, ଶାରଦା ପ୍ରଧାନ, ବବିତା ମଲ୍ଲିକ, ବିଶ୍ୱଜିତ୍ ନାୟକ, ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ଦାଶ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ ଦାସ୍, ସ୍ମୃତିରେଖା ପହି ପ୍ରମୁଖ ଉପସ୍ଥିତ ଥିଲେ ।









## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ବିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଚଣ୍ଡିଖୋଲକୁ ସବଡ଼ିଭିଜନ, ଏଡ଼ିଜେ କୋର୍ଟ ଓ ଏନଏସି ମାନ୍ୟତା ଦାବିରେ ବିଜେପିର ସାମ୍ବାଦିକ ସମ୍ମିଳନୀ




ଦର୍ପଣ (ପିଏନ) -ଚଣ୍ଡୀଖୋଲକୁ ତୁରନ୍ତ ସମ୍ପୂର୍ତ୍ତି ସବଡ଼ିଭିଜନର ମାନ୍ୟତା ଦାବୀ ସହିତ ଚଣ୍ଡିଖୋଲରେ ଏକ ଏଡ଼ିଜେ କୋର୍ଟ ଓ ଏନଏସି ଖୋଲିବାକୁ ବଡ଼ଚଣା ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରାଯାଇଛି । ସମ୍ପ୍ରତି ବରଗଡ଼ ଜିଲ୍ଲା ପଦ୍ମପୁର ଉପନିର୍ବାଚନକୁ ଆଖିଆଗରେ ରଖି ରାଜ୍ୟ ସରକାର ପଦ୍ମପୁର କ୍ରିୟାନୁଷ୍ଠାନ କମିଟିକୁ ୨୦୨୩ ଡିସେମ୍ବର ୩୦ ତାରିଖ ସୁଦ୍ଧା ପଦ୍ମପୁରକୁ ଏକ ନୂତନ ଜିଲ୍ଲାର ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ମାତ୍ର ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଚଣ୍ଡିଖୋଲକୁ ଏକ ସବଡ଼ିଭିଜନ ଦାବି ସରକାରଙ୍କ ଫାଇଲ ତଳେ ଚାପିହୋଇରହିଛି ଯାହାକୁ ନେଇ ଆଜି ବଡ଼ଚଣା ବିଜେପି ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ ପାଇଛି । ଏହି ସମ୍ମିଳନୀରେ ପୂର୍ବତନ ସାଂସଦ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୋହନ ଜେନା ଯୋଗ ଦେଇ ୧୯୭୫ ମସିହାରୁ ତତ୍କାଳୀନ ନନ୍ଦିନୀ ଶତପଥି ସରକାର ଓଡ଼ିଶାର ଥିବା ଜିଲ୍ଲା ସଂଖ୍ୟାକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ ଓ ନିଷ୍ପତ୍ତି ମୁତାବକ ସରକାର ନବ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରି ନୂତନ ଜିଲ୍ଲା ଗଠନ ପାଇଁ ଆବଶ୍ୟକ ଭିତ୍ତିଭୂମିର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୧୯୮୦ ଦଶକରେ ଜାନକୀବଲ୍ଲଭ ସରକାରଙ୍କୁ ଦାସ କମିଶନ ନୂତନ ଜିଲ୍ଲା ଗଠନର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଇଥିଲେ ଓ ଏହାର ଆଧାରରେ ବିଜୁବାବୁଙ୍କ ସରକାର ସେତେବେଳେ ୧୩ ଜିଲ୍ଲାରୁ ୩୦ଟି ନୂତନ ଜିଲ୍ଲା ଗଠନ କରିଥିଲେ । ସେତେବେଳେ ଦାସ କମିଶନ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାକୁ ଏକ ଜିଲ୍ଲା ଭାବେ ଉତ୍ତର କଟକ ଜିଲ୍ଲା ଘୋଷଣା ଓ ଚଣ୍ଡିଖୋଲକୁ ଉକ୍ତ ଜିଲ୍ଲାର ସଦର ମହକୁମା କରିବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ପରେ ଯାଜପୁରକୁ ଏକ ଜିଲ୍ଲା ଭାବେ ସରକାର ଘୋଷଣା କରିଥିଲେ ମାତ୍ର ଏହାର ସଦର ମହକୁମା ଚଣ୍ଡିଖୋଲରେ ହେବାକୁ ୧୯୯୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ । ପରେ ଜିଲ୍ଲାର ସବ୍‌ଡିଭିଜନ ଚଣ୍ଡିଖୋଲ ପରିବର୍ତ୍ତେ ଯାଜପୁରରେ ହୋଇଥିଲା । ୨୦୦୪ ମସିହାରେ ପୁନର୍ବାର ଏକ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସରକାର ଆସିଲେ ଚଣ୍ଡୀଖୋଲକୁ ସବ୍‌ଡିଭିଜନର ମାନ୍ୟତା ମିଳିବ ବୋଲି ସଭାରେ ଘୋଷଣା କରିଥିଲେ । ମାତ୍ର ୧୮ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହି ଘୋଷଣା ଘୋଷଣାରେ ରହିଗଲା । ଚଣ୍ଡିଖୋଲର ପଶ୍ଚିମାଞ୍ଚଳର ଲୋକ ଓ ପୂର୍ବାଞ୍ଚଳର ଜନସାଧାରଣ ନିଜର ଜରୁରୀ କାର୍ଯ୍ୟ ପାଇଁ ଦୀର୍ଘ ୭୦ କିଲୋମିଟର ଯାଜପୁର ଯିବାଆସିବା କରୁଛନ୍ତି ଯାହାପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବା ସହ ଓ ଅଧିକ ସମୟ ମଧ ଅପଚୟ ହେଉଛି । ଚଣ୍ଡୀଖୋଲକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ତତ୍କାଳୀନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ବିଧାନସଭାରେ ପ୍ରଶ୍ନ କରିଥିଲେ ଓ ସରକାର ଖୁବ ଶୀଘ୍ର ଏହା ଘୋଷଣା କରିବାକୁ ବିଧାନସଭାରେ ପ୍ରତିଶ୍ରୁତି ମଧ ଦେଇଥିଲେ । ମାତ୍ର ଆଜି ପର୍ଯ୍ୟନ୍ତ ସରକାରଙ୍କ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିଲା ନାହିଁ ଯାହାକୁ ନେଇ ଖୁବ ଶୀଘ୍ର ଏକ ସର୍ବଦଳୀୟ କମିଟି ଗଠନ କରି ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସମ୍ମିଳନୀରେ ଉପସ୍ଥିତ ନେତାମାନେ ଘୋଷଣା କରିଥିଲେ । ସେହିପରି ସବୁ ଭିତ୍ତିଭୂମି ଥାଇ ମଧ ସରକାର ଚଣ୍ଡିଖୋଲକୁ ଆଜି ପର୍ଯ୍ୟନ୍ତ ଏନଏସି ଘୋଷଣା କରିଲେ ନାହିଁ । ୨୦୨୦ ଫେବୃଆରୀ ୨୬ରେ ରାଜ୍ୟ ସରକାର ଚଣ୍ଡୀଖୋଲରେ ଏକ ଏଡ଼ିଜେ କୋର୍ଟ ଖୋଲିବାକୁ ଘୋଷଣା କରିଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ଏହିସବୁ ଦାବୀଗୁଡିକ ଯଦି ତୁରନ୍ତ ରାଜ୍ୟ ସରକାର ପୂରଣ ନକରନ୍ତି ତେବେ ସରକାରଙ୍କ ବିରୋଧରେ ବଡ଼ଚଣା ବିଜେପି ରାଜରାସ୍ତାକୁ ଓହ୍ଲାଇବ ବୋଲି ସମ୍ମିଳନୀରେ ଘୋଷଣା କରିଥିଲେ । ଏହି ସମ୍ମିଳନୀରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଶାଣ୍ଡି, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମାକାନ୍ତ ରାଉତ, ପୂର୍ବତନ ଜିଲ୍ଲା ଉପସଭାପତି ଜ୍ଞାନରଞ୍ଜନ ସାହୁ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଇନଜୀବୀ ଉଦୟ ନାଥ ସାହୁ, ବରିଷ୍ଠ ବିଜେପି ନେତା ପ୍ରଦୀପ୍ତ ଜେନା ଓ ଜିଲ୍ଲା ଯୁବମୋର୍ଚ୍ଚା ସଂଯୋଜକ ନିହାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# —ସ୍ମୃତିରେ ଉତ୍କଳକେଶରୀ—



ଯିଏ ଏକାଧାରରେ ଥିଲେ, ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ନେତା, ଲେଖକ, ଦାର୍ଶନିକ,ଐତିହାସିକ, ତଥା ଦକ୍ଷ ପ୍ରଶାସକ। ଯିଏକି ତାଙ୍କର ବହୁମୁଖୀ ପ୍ରତିଭା ବଳରେ, ନବ ଉତ୍କଳର ନିର୍ମାତା ଏବଂ ପ୍ରଗତି ପଥରେ ଓଡିଶା ରଥକୁ ଚାଳିତ କରିବାର ସାରଥୀ ସାଜିଥିଲେ, ପ୍ରତ୍ୟେକ ଉତ୍କଳୀୟଙ୍କର ମାନସ ପଟରେ ଏକ ବଳିଷ୍ଠ ବ୍ୟକ୍ତିତ୍ୱ ଭାବରେ ରେଖାପାତ କରି ପାରିଥିଲେ, ସିଏ ହେଉଛନ୍ତି ଭଦ୍ରକ ଜିଲ୍ଲା ଅଗରପଡା ଗ୍ରାମ ଅନ୍ତର୍ଗତ ଭାଗ୍ୟବାନ ବ୍ୟକ୍ତି କୃଷ୍ଣଚନ୍ଦ୍ର ଦାସଙ୍କ ଔରସ ଏବଂ ସ୍ୱର୍ଣ୍ଣଗର୍ଭା ମାତା ତୋହଫା ଦେବୀଙ୍କ ଗର୍ଭରୁ ୧୮୯୯ ମସିହା ନଭେମ୍ବର ମାସ ୨୧ ତାରିଖରେ ଜନ୍ମିତ ସୁଯୋଗ୍ୟ ସନ୍ତାନ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବ। ସେଦିନର ସେହି ଅଖ୍ୟାତ ପଲ୍ଲୀରେ ଜନ୍ମିତ ଶିଶୁ ଯେ ଉତ୍କଳର ସିଂହ ଆଖ୍ୟାରେ ଆଖ୍ୟାୟିତ ହେବ,ଏକଥା ସ୍ୱପ୍ନରେ ସୁଧା ଭାବି ନ ଥିଲେ, ତାଙ୍କର ଜନ୍ମଦାତା ଓ ଜନ୍ମଦାତ୍ରୀ। ଧନ୍ୟ ତାଙ୍କର ପିତା ଧନ୍ୟ ତାଙ୍କର ମାତା, ଯିଏକି ଏଭଳି ଏକ ବିରଳ ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ତାଙ୍କର ସନ୍ତାନ ରୁପେ ପ୍ରାପ୍ତି ହୋଇଥିଲେ।

ଉତ୍କଳକେଶରୀଙ୍କ ରକ୍ତରେ ଥିଲା ଜାତୀୟତା ବୋଧ, ତାଙ୍କ ରକ୍ତରେ ଥିଲା ସ୍ୱାଧୀନତାର ନିଶା, ତାଙ୍କ ରକ୍ତରେ ଥିଲା କର୍ମପ୍ରବଣତା, ଆଖିରେ ଥିଲା ପ୍ରଗତିର ସ୍ୱପ୍ନ, ମନରେ ଥିଲା ଦେଶପ୍ରେମ, ଭାତୃତ୍ୱ ଭାବ ଓ ମାନବିକତା। ଭଦ୍ରକ ଜିଲ୍ଲା ହାଇସ୍କୁଲ୍‌ରେ ଅଧ୍ୟୟନ କରିବା ବେଳେ, ତାଙ୍କର ମାନସ ପଟରେ ଜାତୀୟତା ବୋଧ ରୂପକ ଯେଉଁ ବୀଜ ଅଙ୍କୁରିତ ହୋଇଥିଲା, ତାହା ମହାଦ୍ରୁମରେ ପରିଣତ ହେଲା ସେଇଦିନ, ଯେଉଁଦିନ ସେ କଲେଜ୍ ଶିକ୍ଷା ପରିତ୍ୟାଗ କରି ୧୯୨୧ ମସିହାରେ ଗାନ୍ଧିଜୀଙ୍କର ଯାଦୁକରୀ ଆହ୍ୱାନରେ ଅନୁପ୍ରାଣିତ ହୋଇ, ଯୋଗ ଦେଇଥିଲେ ସ୍ୱାଧୀନତା ଆନ୍ଦୋଳନରେ। ସେ ଜାତୀୟ ସ୍ତରର ନେତୃବୃନ୍ଦ ତଥା ସାଧାରଣ ଜନତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ, ଯେଉଁଦିନ ରାଜଦ୍ରୋହ ଅପରାଧରେ ୧୯୨୨ ମସିହାରେ କାରାବରଣ କରିଥିଲେ। ସେଇଦିନଠାରୁ ଆଉ ସେ ପଛକୁ ଫେରି ଚାହିଁ ନାହାନ୍ତି।

ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ, ସୁଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରି ସେ ଜଣେ ଦକ୍ଷ ପ୍ରଶାସକ ହିସାବରେ ପରିଗଣିତ ହୋଇପାରିଥିଲେ। ୧୯୨୪ ମସିହାରୁ ୧୯୨୮ ମସିହା ପର୍ଯ୍ୟନ୍ତ ବାଲେଶ୍ୱର ଡିଷ୍ଟ୍ରିକ୍ଟ ବୋର୍ଡର ଚେୟାରମ୍ୟାନ ଏବଂ ବିହାର ଓଡିଶା କାଉନସିଲ୍‌ର ସଭ୍ୟପଦ ଗ୍ରହଣ କରି ତାଙ୍କର ଦକ୍ଷତା ପ୍ରତିପାଦନ କରି ପାରିଥିଲେ। ପୁନର୍ବାର ତାଙ୍କୁ କାରାବରଣ କରିବାକୁ ପଡିଥିଲା ୧୯୩୦ ମସିହାରେ, ଲବଣ ସତ୍ୟାଗ୍ରହରେ ଅଂଶ ଗ୍ରହଣ କରିଥିବା ଅପରାଧରେ। ୧୯୩୨ ମସିହାରେ ପୁରୀ ଜିଲ୍ଲାରୁ ସର୍ବଭାରତୀୟ କଂଗ୍ରେସ କମିଟି ସେବାଦଳର ଜେନେରାଲ ଅଫିସର କମାଣ୍ଡିଙ୍ଗ ରୁପେ ନିର୍ବାଚିତ ହୋଇଥିଲେ ଏବଂ ପାର୍ଟି ଅଯୋଗ୍ୟ ଘୋଷିତ ହେବାରୁ, ତାଙ୍କୁ ଗ୍ରେପ୍ତାର କରାଯାଇ କାରା କକ୍ଷକୁ ପ୍ରେରଣ କରାଯାଇଥିଲା।୧୯୩୦ ମସିହାରୁ ୧୯୩୧ ମସିହା ଏବଂ ୧୯୩୭ ମସିହାରେ ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ରୂପେ ମନୋନୀତ ହୋଇ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେ ୧୯୩୮ ମସିହାରୁ ୧୯୪୬ ମସିହା ପର୍ଯ୍ୟନ୍ତ ଏବଂ ୧୯୪୬ ମସିହାରୁ ୧୯୫୦ ମସିହା ପର୍ଯ୍ୟନ୍ତ, କଂଗ୍ରେସ କାର୍ଯ୍ୟକାରୀ ସମିତିକୁ ନେତାଜୀ ସୁଭାଷ ବୋଷଙ୍କ ଦ୍ୱାରା ସଭ୍ୟ ରୂପେ ମନୋନୀତ ହୋଇଥିଲେ। ଡଃ ହରେକୃଷ୍ଣ ମହତାବ ଓଡିଶା ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ,୧୯୪୬ ମସିହା ଏପ୍ରିଲ



୨୩ ତାରିଖରୁ ୧୯୫୦ ମସିହା ମେ' ୧୨ ତାରିଖ ପର୍ଯ୍ୟନ୍ତ। କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ବାଣିଜ୍ୟ ଓ ଶିଳ୍ପ ବିଭାଗର ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ ୧୯୫୦ ମସିହାରୁ ୧୯୫୨ ମସିହା ପର୍ଯ୍ୟନ୍ତ।୧୯୫୫ ମସିହାରୁ ୧୯୫୬ ମସିହା ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳ ଆସନ ଅଳଙ୍କୃତ କରିଥିଲେ। ପୁନର୍ବାର ୧୯୫୬ ମସିହାରୁ ୧୯୬୦ ମସିହା ମୁଖ୍ୟମନ୍ତ୍ରୀ ରୂପେ ଓଡିଶାର ସରକାର ଗଠନ କରିଥିଲେ। ଅନୁଗୁଳ ଆସନରୁ ୧୯୬୨ ମସିହାରେ ଲୋକସଭା ସଂସଦ ରୁପେ ନିର୍ବାଚିତ ହୋଇଥିଲେ। ୧୯୬୭, ୧୯୭୧ ଓ୧୯୭୪ ମସିହାରେ ଓଡିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ଏହାହିଁ ଥିଲା ତାଙ୍କର ରାଜନୈତିକ ଜୀବନର ଇତିହାସ।

ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ମଧ୍ୟରେ ଉତ୍କଳ ପ୍ରଦେଶ ଗଠନ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ହାଇକୋର୍ଟ ସ୍ଥାପନା, ରାଉରକେଲା ଷ୍ଟିଲ ପ୍ଲାଂଟ, କଟକର ବେତାର କେନ୍ଦ୍ର ପ୍ରତିଷ୍ଠା ଓ କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ଇତ୍ୟାଦି କାର୍ଯ୍ୟ ଥିଲା ତାଙ୍କର ଉଲ୍ଲେଖନୀୟ। ତନ୍ମଧ୍ୟରୁ ହୀରାକୁଦ ନଦୀ ବନ୍ଧ ଯୋଜନା ଥିଲା ସର୍ବଶ୍ରେଷ୍ଠ, ଯାହାକି ପୃଥିବୀର ଦୀର୍ଘତମ ନଦୀବନ୍ଧ ରୁପେ ଏବେ ମଧ୍ୟ ପରିଗଣିତ।୧୯୫୯ ମସିହାରେ ଡଃ ହରେକୃଷ୍ଣ ମହତାବଙ୍କ ନାମରେ ଓଡିଶାର ରାଜଧାନୀ ଭୁବନେଶ୍ୱର ସହରର କେନ୍ଦ୍ରସ୍ଥଳରେ ତିନି ଏକର ପରିମିତ ସ୍ଥାନରେ ସ୍ଥାପିତ ହୋଇଛି ରାଜ୍ୟ ଗ୍ରନ୍ଥାଗାର।

ଡଃ ହରେକୃଷ୍ଣ ମହତାବ ଥିଲେ ଜଣେ ବିଶିଷ୍ଟ ସାରସ୍ୱତ ସାଧକ। ବିଶେଷ ଭାବରେ ଦୈନିକ ପ୍ରଜାତନ୍ତ୍ରରେ ଲିଖିତ ଗାଁ ମଜଲିସ ତାଙ୍କୁ ଆଣିଦେଇଥିଲା ପ୍ରସିଦ୍ଧି ଏବଂ ସେ ଏଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସାହିତ୍ୟ ଆକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ, ଯାହାକି ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ। ଓଡିଆ ଦୈନିକ ସମ୍ବାଦପତ୍ର ପ୍ରଜାତନ୍ତ୍ରର ସେ ଥିଲେ ପ୍ରତିଷ୍ଠାତା ଏବଂ ମାସିକ ଓଡିଆ ପତ୍ରିକା ଝଙ୍କାରର ଥିଲେ ମୁଖ୍ୟ ସମ୍ପାଦକ। ଓଡିଶା ସାହିତ୍ୟ ସଙ୍ଗୀତ ନାଟକ ଆକାଡେମୀର ସମ୍ମାନସ୍ପଦ ସଭାପତି ଦାୟିତ୍ୱ ମଧ୍ୟ ସେ ତୁଲାଉଥିଲେ।

ଡଃ ହରେକୃଷ୍ଣ ମହତାବ କୌଣସି ରାଜନୈତିକ ପଦପଦବୀରେ ଥାଆନ୍ତୁ ବା ନଥା'ନ୍ତୁ, ସର୍ବଦା ରହିଥିଲେ ସାଧାରଣ ଜନତାଙ୍କ ସହିତ। ଓଡିଶାର ବିକାଶ ପାଇଁ, ସାଧାରଣ ଜନତାଙ୍କର ସମସ୍ୟା ସମାଧାନ ପାଇଁ, ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ସେ ଥିଲେ ସଦାଚେଷ୍ଟିତ। ତାଙ୍କ ପରି ଜଣେ ଯୋଗଜନ୍ମା, ସର୍ବଗୁଣସମ୍ପନ୍ନ ବ୍ୟକ୍ତିଙ୍କ ଜୟନ୍ତୀ ଅବସରରେ, ଆମେ ତାଙ୍କର ସ୍ମୃତି ରୋମନ୍ଥନ ପୂର୍ବକ, ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଏବଂ ତାଙ୍କପରି ବଳିଷ୍ଠ ବ୍ୟକ୍ତି, ଏ ଓଡିଶାରେ ବାରମ୍ବାର ଜନ୍ମ ଲଭନ୍ତୁ ଏହାହିଁ ଆମର କାମନା!

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଇଶାଣୀ ବ୍ରହ୍ମପୁର, କଟକ, ମୋ-୬୩୭୧୫୯୩୨୨୦

# ଜାରକା ରୋଟାରୀ ଓ ଧର୍ମଶାଳା ପ୍ରେସ୍ କ୍ଲବ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜରକା ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରକୁ ଗତକାଲି ରୋଟାରୀ କ୍ଲବ ଜାରକା ଓ ପ୍ରେସକ୍ଲବ ଧର୍ମଶାଳା ପକ୍ଷରୁ ସଫେଇ କରାଯାଇଛି । ଏହି ଶୈବପୀଠକୁ ଦୂରଦୁରାନ୍ତରୁ ବହୁ ଶ୍ରଦ୍ଧାଳୁ ଆସୁଥିବାରୁ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରି ରଖିବା ପାଇଁ ଗତକାଲି ଉଭୟ କ୍ଲବର ସଦସ୍ୟମାନେ ହାତରେ ଝାଡୁ, କୋଦାଳ ଓ ଫାଉଡା ଧରି ମନ୍ଦିର ପରିସର ଓ ପାହାଚକୁ ସଫା କରିଥିଲେ । ରୋଟାରୀ କ୍ଲବର ସଭାପତି ପ୍ରମୋଦ ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ଡା. ବିଜୟ କୁମାର ଶତପଥୀ, ଆଜାମ୍ବର ସାହୁ, ଜୟନ୍ତ ସାହୁ, ବିନୋଦ ପରିଡା, ହରିହର ପଣ୍ଡା, ପ୍ରଦୀପ୍ତ ବରାଳ, ପ୍ରଶାନ୍ତ ପୃଷ୍ଟି, ଇଂ. ବିପିନ ଷଢଙ୍ଗୀ, ଜାରକା ଇନରହୁଇଲ କ୍ଲବର ସଦସ୍ୟ ମାଧୁରୀ ଶତପଥୀ, କଳ୍ପନା ଖୁଂଟିଆ, ସରୋଜିନୀ ପଣ୍ଡା, କାଦମ୍ବିନୀ ମିଶ୍ର ଓ ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସମ୍ପାଦକ ଅବିନେଶ୍ୱର ଶତପତୀ, ମାନସ ରଂଜନ ଜେନା, ଅଖିଳ କୁମାର ସ୍ୱାଇଁ, ଗିରିଧାରୀ ବେହେରା, ପ୍ରଶାନ୍ତ ଗନ୍ତାୟତ, ରଶ୍ମୀରଂଜନ ରାୟ, ବିବେକାନନ୍ଦ ରାୟ, ସୁବ୍ରତ କୁମାର ଜେନା, ବିନୋଦ ସାହୁ ପ୍ରମୁଖ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଆଗାମୀ ଦିନରେ ଏଭଳି ସଫେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି ।

# କୋରେଇ ଟ୍ରେନ ଦୁର୍ଘଟଣା ଯୋଗୁଁ ହରିଦାସପୁର ଷ୍ଟେସନରେ ଯାତ୍ରୀ ହନ୍ତସନ୍ତ

ଧର୍ମଶାଳା (ପିଏନ୍): ଯାଜପୁର ଜିଲ୍ଲାର କୋରେଇ ରେଳଷ୍ଟେସନରେ ଏକ ମାଲବାହୀ ଟ୍ରେନ ମାଡିଯିବାରୁ ସେଠାରେ ଟ୍ରେନକୁ ଅପେକ୍ଷା କରିଥିବା ୩ଜଣ ଯାତ୍ରୀଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଟ୍ରେନ ଦୁର୍ଘଟଣା ପରେ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । କୋରେଇ ଷ୍ଟେସନ ନିକଟରେ ଟ୍ରେନ ଲାଇନରେ ବଗିଗୁଡିକ ପଡିରହିବା ଫଳରେ ଟ୍ରେନ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଏହାକୁ ନଜରରେ ରଖି ଇଷ୍ଟକୋଷ୍ଟ ରେଳବାଇ ପକ୍ଷରୁ ୮ରୁ ଉର୍ଦ୍ଧ୍ୱ ଟ୍ରେନକୁ ବାତିଲ କରିଦିଆଯାଇଥିଲା । ଫଳରେ ଗତକାଲି କଲିକତା ଯାଉଥିବା ଜନଶତାବ୍ଦୀ ଏକ୍ସପ୍ରେସ ଟ୍ରେନକୁ ବିଭାଗ ପକ୍ଷରୁ ହରିଦାସପୁର ଷ୍ଟେସନଠାରେ ଅଟକାଇ ଦିଆଯାଇଥିଲା । ଏହି ଟ୍ରେନରେ ଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧା ଭୋଗିବା ସହ ଭୋକ ଉପାସରେ ଟ୍ରେନ ଯିବାକୁ ଅପେକ୍ଷା ନକରି ଅନେକ ଯାତ୍ରୀ ଟ୍ରେନରୁ ବାହାରି ଯାଇ ଚଣ୍ଡିଖୋଲ ଅଭିମୁଖେ ଯାଇ ସେଠାରୁ ବସ କିମ୍ବା ଭଡା ଗାଡିରେ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ । ଅନେକ ଯାତ୍ରୀ ଉପାୟ ନପାଇ ହରିଦାସପୁର ଷ୍ଟେସନରେ ଦିନ ୩ଟା ପର୍ଯ୍ୟନ୍ତ ବସି ରହିଥିବା ଦେଖିବାକୁ ମିଳିଥିଲା । ଏମାନେ ମହାରାଷ୍ଟ୍ର ଓ ଗୁଜରାଟରୁ ମୃତ ପରିବାର ଲୋକଙ୍କ ଅସ୍ଥି ବିସର୍ଜନ ପାଇଁ କଲିକତା ଯାଉଥିବା କହିଥିଲେ । ତେବେ ରେଳ ବିଭାଗ ପକ୍ଷରୁ ସେମାନଙ୍କ ଟିକଟ ଫେରସ୍ତ କିମ୍ବା ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ବୟସ୍କ ଲୋକମାନେ ହଇରାଣ ହରକତ ହୋଇଥିବା ଦେଖିବାକୁ ମିଳିଥିଲା ।

# ଶିକ୍ଷକଙ୍କ ଘରୁ ସୁନାରୂପା ଅଳଙ୍କାର ଓ ଟଙ୍କା ଲୁଟ୍

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କୁମାରୀ ଗ୍ରାମରେ ରହୁଥିବା ଭବାନୀପୁର ପଂଚାୟତ ଭୁବନ ଜଗନ୍ନାଥ ନୋଡ଼ାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ଶାନ୍ତିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର, ୫୦ ହଜାର ଟଙ୍କା ଓ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଯାଇଛି । ଏ ସଂପର୍କରେ ଶ୍ରୀ ଶାନ୍ତି ଗତକାଲି ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ଗୀତାଯଜ୍ଞ ପାଇଁ ଗତ ୧୬ ତାରିଖରୁ ଶ୍ରୀ ଶାନ୍ତି ପରିବାର ସହିତ ନିଜ ଗାଁ ବରୀ ଥାନା ରତ୍ନଗିରି ପଂଚାୟତ ମାଳସାହି ଘରକୁ ଯାଇଥିଲେ । ସେଠାରୁ ଗତକାଲି ଫେରିଆସି ଦେଖନ୍ତି ତ' ଘର ଭିତର ପଟୁ ତାଲା ପଡ଼ିଛି, ସେଢ଼ି ଘର ଖୋଲାରହିଛି ଓ ଶୋଇବା ଘର ସ୍କାଇଲାଇଟ୍ ଭଙ୍ଗାଯାଇଛି । ଚୋରମାନେ ଘରେ ପଶି ଷ୍ଟିଲ୍ ଆଲମିରାରେ ଥିବା ୪ଟି ସୁନାମୁଦି, ମଙ୍ଗଳସୂତ୍ର, ୨ ହଳ କାନଫୁଲ, ପ୍ରାୟ ୧ କିଲୋ ରୂପା ଅଳଙ୍କାର, ୫୦ ହଜାର ଟଙ୍କା ଓ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇଛନ୍ତି । ଖବର ପାଇ ଜାରକା ବିଟ୍ ହାଉସ୍ ପୁଲିସ୍ ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଁଚି ତଦନ୍ତ କରିଥିଲେ । ହେଲେ ଚୋରି ସାମଗ୍ରୀ କିମ୍ବା ଚୋରଙ୍କ ସଂପର୍କରେ କୌଣସି ସୁରାକ୍ ମିଳନାହିଁ । ସ୍ଥାନୀୟ ଅଂଚଳରେ ବାରମ୍ବାର ଏହିପରି ଚୋରି ହେଉଥିବା ବେଳେ ଚୋରଦଳକୁ ପୁଲିସ୍ ଧରିପାରୁନାହିଁ । ଦିନେ ନ ରହିଲେ ଚୋରମାନେ ଘରେ କଳାକନା ବୁଲାଇ ଦେଉଛନ୍ତି । ଏହାକୁ ନେଇ ଜାରକା ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଓ ଚୋରମାନଙ୍କୁ ଧରିବା ପାଇଁ ଦାବି ହୋଇଛି ।

# "ଅବୁଝା ଏ ମନ" ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର (ପିଏନ୍): ବ୍ଲାକ୍ ଇଗଲ୍ ବୁକ୍ସ ପ୍ରକାଶନ ସଂସ୍ଥା ପକ୍ଷରୁ ଅନାମିକା ଦାସଙ୍କ "ଅବୁଝା ଏ ମନ" ପୁସ୍ତକ ଗତକାଲି ରାଜ୍ୟ ସ୍କାଉଟ ଗାଇଡ୍ ପରିସରରେ ବହୁ ଆଡମ୍ବରରେ ଉନ୍ମୋଚିତ ହୋଇଛି । ପୁସ୍ତକ ଉନ୍ମୋଚନ କରି ବିଶିଷ୍ଟ ଭାଷାବିଦ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ ଅନାମିକାଙ୍କ ଓଡିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଉଦ୍ୟମ ପ୍ରଶଂସନୀୟ । କାର୍ଯ୍ୟକ୍ରମରେ ପୂର୍ବତନ ଲୋକସଭା ସଦସ୍ୟ ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡଃ. ପ୍ରସନ୍ନ ପାଟଶାଣୀ, ମାନ୍ୟବର ବିଧାୟକ ତଥା ସମ୍ପାଦକ, ଦୈନିକ ଖବର କାଗଜ "ସମ୍ବାଦ" ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଅନାମିକାଙ୍କ କାହାଣୀ ଉପରେ ଆଲୋଚନା କରିଥିଲେ।

ଏହି ସାରସ୍ୱତ ଆସରରେ ସମାଜର ମୁଦ୍ରାକାର ଓ ପ୍ରକାଶକ ଶ୍ରୀ ନିରଞ୍ଜନ ରଥ, ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଡଃ କାଳିପ୍ରସାଦ ମିଶ୍ର, କାର୍ଯ୍ୟନିର୍ବାହୀ ସମ୍ପାଦକ "ପ୍ରଗତିବାଦୀ" ଶ୍ରୀ ବିରୁପାକ୍ଷ ତ୍ରିପାଠୀ, ବୋର୍ଡ ସଦସ୍ୟ, ଅମନାୟା କର୍ପୋରେସନ, ୟୁ.ଏସ. ଏବଂ ପୂର୍ବତନ ଅଧକ୍ଷ, ଟାଟା ଷ୍ଟିଲ୍, କଳିଙ୍ଗନଗର ଶ୍ରୀ ପାର୍ଥସାରଥୀ ମିଶ୍ର ଏବଂ ସମ୍ପାଦିକା, ଓଡିଶା ଲେଖିକା ସଂସଦ ଡଃ ଶକୁନ୍ତଳା ବଳିଆରସିଂଙ୍କ ସମେତ ଅନେକ ଲେଖକ ଯୋଗଦାନ କରି ତାଙ୍କ ଦୀର୍ଘଜୀବନ କାମନା କରିବା ସହ ତାଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟବ୍ୟସ୍ତତା ଯୋଗୁ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ଅଧକ୍ଷା ମହିଳା କମିଶନର ଡଃ. (ଶ୍ରୀମତୀ) ମିନତୀ ବେହେରା, ନିର୍ଦ୍ଦେଶକ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ନୂଆଦିଲ୍ଲୀ ଶ୍ରୀ ରାଜକୁମାର କୌଶିକ୍, ଯୁଗ୍ମନିର୍ଦ୍ଦେଶିକା (ଗାଇଡ୍) ଶ୍ରୀମତୀ ଦର୍ଶନା ପାଓ୍ୱାସକର, ରାଜ୍ୟ ସ୍କାଉଟ ଗାଇଡ୍‌ର ପୂର୍ବତନ ତାଲିମ କମିଶନର (ସ୍କାଉଟ) ଶ୍ରୀ ଲଳିତ ମୋହନ ପଟ୍ଟନାୟକ, ଶ୍ରୀ ସୁବାସ ଚନ୍ଦ୍ର ପଟ୍ଟନାୟକ, ଅନିତା ଦାସ ଏବଂ ରେଞ୍ଜର ଲିଡର, କନିଶି ମହାବିଦ୍ୟାଳୟ, ଗଞ୍ଜାମ ଶ୍ରୀମତୀ ମୋନାଲିସା ଦାସ ଯୋଗଦେଇ ନ ପାରି ଭିଡିଓ ବାର୍ତ୍ତା ମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ୨୦ ଗୋଟି ଗଳ୍ପ ଏହି ପୁସ୍ତକରେ ସ୍ଥାନିତ ହୋଇଛି।

# ଟ୍ରକ୍ ଧକ୍କାରେ ଯୁବକ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ବିରିବାଟି ଛକ ନିକଟ ୫୩ ନମ୍ବର ଜାତୀୟ ରାଜପଥରେ ଗତକାଲି ସଂଧ୍ୟା ୭ଟାରେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ମହିସରା ପଂଚାୟତ ବରଡ଼ା ଗ୍ରାମର ଦୀପକ କୁମାର ଦେହୁରୀ(୨୫)ଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏକ ବାଇକ୍‌ରେ ଦୀପକ ଚଣ୍ଡିଖୋଲ ଆଡ଼େ ଯାଉଥିଲେ । ଏହି ସମୟରେ ଏକ ଦ୍ରୁତଗାମୀ ଟ୍ରକ୍ ବାଇକ୍ ପଛରୁ ସାଇଡ୍ ମାରି ଚମ୍ପଟ ମାରିଥିଲା । ଭାରସାମ୍ୟ ହରାଇ ସେ ତଳେ ପଡ଼ିଯାଇଥିଲେ । ଉଲ୍ଲେଖଯୋଗ୍ୟ, ଦୀର୍ଘ ୭ବର୍ଷ ହେଲା ଏହି ରାଜପଥ ମନ୍ଥର ଗତିରେ ସଂପ୍ରସାରଣ ହେଉଥିବାରୁ ଏହା କେବେ ଶେଷ ହେବ ଏହାର ଉତର କାହା ପାଖରେ ନାହିଁ । ଉକ୍ତ ରାସ୍ତାରେ ଶହ ଶହ ଖାଲଖମା ସୃଷ୍ଟି ହୋଇଛି । ଫଳରେ ଏଥିରେ ଯାତାୟାତ କରିବାରେ ସମସ୍ୟା ସୃଷ୍ଟି ହେଉଛି । ଏବେ ରାସ୍ତାଟି ମୃତ୍ୟୁଯନ୍ତା ପାଲଟିଥିବା ବେଳେ ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ହେଉଛି । ପ୍ରତିବାଦରେ ଆସନ୍ତା ୨୫ ତାରିଖରେ ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି

# କୋଣାର୍କ ଉତ୍ସବ-୨୦୨୨: ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଦର୍ଶିତ ହେବ ଛଅ ପ୍ରକାର ଶାସ୍ତ୍ରୀୟ ନୃତ୍ୟ



କୋଣାର୍କ (ପିଏନ୍)- ଡିସେମ୍ବର ୧ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ ଭରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାକୁମ୍ଭ କୋଣାର୍କ ଉତ୍ସବ-୨୦୨୨। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ସହାୟତାରେ ୩୨ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଏହି ମୁକ୍ତାକାଶ ରଙ୍ଗମଞ୍ଚରେ ଦେଶ ବିଦେଶ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟରେ ପାରଦର୍ଶିତା ଲାଭ କରିଥିବା ଲବ୍ଧପ୍ରତିଷ୍ଠିତ କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିସାରିଛନ୍ତି । ଏହି ମୁକ୍ତାକାଶ ରଙ୍ଗମଞ୍ଚଟି ୧୯୮୯ମସିହାର ତତକାଳିନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ୧୯୯୯ମସିହାରେ ପ୍ରଳୟଙ୍କାରି ସାମୁଦ୍ରିକ ଝଡ 'ମହାବାତ୍ୟା' ପାଇଁ ସେହି ବର୍ଷ କୋଣାର୍କ ଉତ୍ସବ ହୋଇ ପାରି ନ ଥିଲା । ଚଳିତ ବର୍ଷ ଉତ୍ସବ ପୂର୍ବପରି ଉଚ୍ଚମ ମାନର ହେବ ବୋଲି ପର୍ଯ୍ୟଟନ ବିଭାଗର ପକ୍ଷରୁ ସୂଚନା ଦିଆଯାଇଛି । ଡିସେମ୍ବର ୧ ତାରିଖ ଠାରୁ ପ୍ରତ୍ୟହ ସନ୍ଧ୍ୟା ୬ ଟାରୁ ରାତି ୮ଟା ୩୦ ମିନିଟ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଦୁଇଟି ପର୍ଯ୍ୟୟରେ ଶାସ୍ତ୍ରୀୟ ନୃତ୍ୟ ଅନୁଷ୍ଠିତ ହେବ । ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ମାଲେସିୟାର କୁଲାଲିୟାମପୁର ଦତୁକା ରାମଲି ଇବ୍ରାହିମ୍ ଓ ସାଥିଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ




ପର୍ଯ୍ୟାୟରେ ନୂଆଦୀଲ୍ଲିର ନୃତ୍ୟଶିଳ୍ପୀ ଗୁରୁ କୁନ୍ଦନଲାଲା ଗାଙ୍ଗାନି ଫାଉଣ୍ଡେସନର ଗୁରୁ ରାନ୍ଦ୍ରେ ଗାଙ୍ଗାନ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ । ସେହିପରି ଉତ୍ସବର ଦ୍ୱିତୟ ଦିବସର ପ୍ରଥମ ପର୍ଯ୍ୟାୟରେ ମଣିପୁର ଜବାହାର ଲାଲ ନେହେରୁ ମଣିପୁର ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ମଣିପୁରୀ ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ କଟକର ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ମିରା ଦାସ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ



ପର୍ଯ୍ୟାୟରେ କୋଲକତାର କୋଲକତା ମୟୁର ଲଳିତ ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ଦେବସ୍ମିତା ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଦଶାୟାମ ସେଣ୍ଟର ଫର ମୋହିନୀଆଟମ୍ ପକ୍ଷରୁ କାଲିମାମଣି ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇନା ସ୍ୱାଣ୍ଡା ଡ୍ୟାନ୍ସ କମ୍ପନୀ ପକ୍ଷରୁ ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ସୁରଭି ଅନୁଷ୍ଠାନର ଗୁରୁ ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟ ନୈବେଦ ଅନୁଷ୍ଠାନର ପ୍ରଭାତ କୁମାର ସ୍ୱାଇଁ ଓ ସାଥୀ ନୃତ୍ୟ ଶିଳ୍ପୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଶିବମୋହନମ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଜୟକିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ । ଏହି ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭରେ ୬ ପ୍ରକାର ନୃତ୍ୟ ଯଥା ଓଡିଶୀ, କଥକ, ମଣିପୁରୀ, ମୋହିନିଆଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି ।




## ମାନବସମ୍ବଳ ଓ କୌଶଳ ବିକାଶ କ୍ଷେତ୍ରରେ ଓଡ଼ିଶା ଆଗୁଆ ରାଜ୍ୟ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,(ପି.ଏନ): ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି ଏବଂ ନିରନ୍ତର ପ୍ରଗତିରେ ସେମାନଙ୍କ କ୍ରିୟାଶୀଳ ଭୂମିକାକୁ ଉନ୍ନତ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ଆଜି ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀ ମହାପାତ୍ର ଉପରୋକ୍ତ ମର୍ମରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପଗୁଡ଼ିକ ନେଇ ଆଲୋକପାତ କରିଛନ୍ତି । 'ବିକଶିତ ଭାରତ: ଦିଗନ୍ତ ପହୁଂଚ' ଶୀର୍ଷକ ଏହି କର୍ମଶାଳାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ବିକଶିତ ଭାରତ ଓ ମାନବସମ୍ବଳ ବିକାଶ ଦିଗରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ନେଇ ମୁଖ୍ୟ ଶାସନ ସଚିବ ବକ୍ତବ୍ୟ ରଖିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଧ୍ୟ ବକ୍ତବ୍ୟ ରଖି ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ଅନେକାନେକ ପଦକ୍ଷେପ ନେଇ ରାଜ୍ୟରେ ଦକ୍ଷତା ବିକାଶ ପରିମଣ୍ଡଳର ସ୍ଥିତି ଉପରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ଗୋଆ, ଜାମ୍ମୁ ଓ କାଶ୍ମୀର, ପଞ୍ଜାବ, ତ୍ରିପୁରା, ଉତରାଖଣ୍ଡ, ଉତରପ୍ରଦେଶ ଓ ପଶ୍ଚିମବଙ୍ଗ, ମଣିପୁର ତଥା କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଡାମନ-ଡିଉ-ଦାଦ୍ରା-ନଗର ହାବେଲୀ, ଲାକ୍ଷାଦ୍ୱୀପ, ଲାଦାକର ପ୍ରତିନିଧିମାନେ ଯୋଗଦେଇ ଦକ୍ଷତା ବିକାଶ ସ୍ଥିତି ନେଇ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ । କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରାଳୟର ଶାସନ ସଚିବ ଅତୁଲ ତିୱାରୀ ମଧ୍ୟ ବକ୍ତବ୍ୟ ରଖିଥିଲେ । କର୍ମଶାଳା ଆରମ୍ଭରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇ ରାଜ୍ୟରେ ଦକ୍ଷତା ବିକାଶ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଥିବା ଦର୍ଶାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜିଙ୍କ ସମେତ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା,୨୨/୧୦: ଆନ୍ତର୍ଜାତିକସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଣ୍ଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷେପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ରହି ପରିକ୍ଷା ଦେଇପାରିବେ । ବିଦ୍ୟାର୍ଥୀମାନଙ୍କ ଜ୍ଞାନକୌଶଳକୁ ଆନ୍ତର୍ଜାତିକ, ଜାତିୟ ଓ ରାଜ୍ୟସ୍ତରରେ ସମ୍ମାନିତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଦେଖାଇଆସିଛି । ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି । ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିକ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିକ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିକ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିକ ଗଣିତ ଅଲମ୍ପିଆଡ୍ । ଏହି ପରିପେକ୍ଷୀରେ ସାଇନ୍ସ ଅଲମ୍ପିଆଡ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥିଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ । ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇ□ଲିଜେନ୍ସ, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକର୍ଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି ।"

## ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

## ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି । ମୋଟୋର ଗ୍ରେଡ଼୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

## ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି । ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା । ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି । ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି ।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ । ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି । ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି । ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି । ଏହା ୯ଟି ବଢି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି । ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି । ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି । ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି ।

## ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷଙ୍କକ୍ଷତ୍ମ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ ।

## କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷତ୍ମ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ୍) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

## ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱାର୍କ ଓ ଆବଠକ୍ଷତ୍ମ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱାର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷତ୍ମ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

## ଡ ହରେକୃଷ୍ଣ ମହତାବଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କୁ ଜୟନ୍ତୀ ଅବସରରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି ।ସେ ଟ୍ୱିଟ କରି କହିଛନ୍ତି ଯେ - ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଉତ୍କଳ କେଶରୀ ଡ଼ଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ତାଙ୍କ ଅମାପ ଦେଶପ୍ରେମ, ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଓଡ଼ିଶାର ପ୍ରଗତି ସହ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତିରେ ଅତୁଳନୀୟ ଅବଦାନ ପାଇଁ ସେ ସର୍ବଦା ପ୍ରେରଣାର ଉତ୍ସ ।



# ମୋ ଓଡ଼ିଶା

## ଶିଶୁ ସାହିତ୍ୟର ଉନ୍ନତି ନହେଲେ ଭାଷା ସାହିତ୍ୟର ଉନ୍ନତି ଅସମ୍ଭବ



ଭୁବନେଶ୍ୱର (ପିଏନ୍): ପୋଲିସ କମିସନରେଟ ମୁଖ୍ୟ କାର୍ଯ୍ୟାଳୟରେ ପୁଲିସ ଆୟୁକ୍ତ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ଉନ୍‌ମୋଚିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଶ୍ରୀଯୁକ୍ତ ପ୍ରିୟଦର୍ଶୀ କହିଥିଲେ ଯେ, ପିଲାମାନଙ୍କୁ ଓଡିଆ ଭାଷାରେ ପୁସ୍ତକ ପଢାଇବା ପାଇଁ ଭିତିଭୂମିର ଆବଶ୍ୟକତା ଅଛି, ଶିଶୁ ସାହିତ୍ୟର ଉନ୍ନତି ନହେଲେ ସାହିତ୍ୟର ଉନ୍ନତି ଅସମ୍ଭବ । ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ତଥା ସମାଚାର ପତ୍ରିକାର ମୁଖ୍ୟ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁଲିସ ଆୟୁକ୍ତ ଶ୍ରୀଯୁକ୍ତ ପ୍ରିୟଦର୍ଶୀଙ୍କୁ ସମ୍ମିଳନୀର ଫଳକ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ଓ ନିମାଇଁ ଚରଣ ଦାସ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, କାର୍ଯ୍ୟନିର୍ବାହୀ ସଦସ୍ୟ ମହେଶ୍ୱର ବିଶ୍ୱାଳ, ଅକ୍ଷୟ କୁମାର ଜେଠୀ ଓ ରୁଷି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଉନ୍‌ମୋଚନ କାର୍ଯ୍ୟକ୍ରମରେ ଭାଗନେଇଥିଲେ ।

## ଏସ୍.ୟୁ.ଜେ. ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




ପାରାଦୀପ (ପିଏନ୍)-ଗତ ରବିବାର ଦିନ ପାରାଦୀପ ଠାରେ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ (ଓଡିଶା) ଏସ୍.ୟୁ.ଜେ.ର ଜଗତସିଂହପୁର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ବନ୍ଧୁ ମିଳନ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଏସ୍.ୟୁ.ଜେ.ର ରାଜ୍ୟ ସଭାପତି କୈଳାସ ନାୟକ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପାରାଦୀପର ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ଏସ୍.ୟୁ.ଜେ.ର ରାଜ୍ୟ କଲ୍ୟାଣ ବୋର୍ଡର ଅଧକ୍ଷ ଗଗନ ବିହାରୀ ସାହୁ,ରାଜ୍ୟ ଉପସଭାପତି କିର୍ତ୍ତୀ ଚନ୍ଦ୍ର ସାହୁ,ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ, ସମ୍ପାଦକ ଶିବାଶିଷ ମହାନ୍ତି ଯୋଗ ଦେଇଥିଲେ । ସମାରୋହରେ ପୌରୋହିତ୍ୟ କରିଥିଲେ ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନା । ଅତିଥି ପରିଚୟ ପ୍ରଦାନ ସହ ସମାରୋହକୁ ପରିଚାଳନା କରିଥିଲେ ଜିଲ୍ଲା ସମ୍ପାଦକ ସଂଜୟ କୁମାର ମିଶ୍ର । ଏହି ଅବସରରେ ପାରାଦୀପ ଅଂଚଳର ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲ୍ଲା ନିର୍ବାଚନ ପର୍ଯ୍ୟବେକ୍ଷକ ଅଖିଳେଶ ପଦ ମହାନ୍ତି ଜଗତସିଂହପୁର ଜିଲ୍ଲାର ନବ ନିର୍ବାଚିତ କର୍ମକର୍ତାମାନଙ୍କ ନାମ ଘୋଷଣା କରିଥିଲେ । ସଭାପତି ଭାବେ ରତ୍ନାକର ସ୍ୱାଇଁ,କାର୍ଯ୍ୟକାରୀ ସଭାପତି ଦୀପକ କୁମାର ବେହେରା, ଉପସଭାପତି ବିରଜା ପ୍ରସାଦ ତ୍ରିପାଠୀ,ସାଧାରଣ ସମ୍ପାଦକ ନାୟକ,ସହ ସମ୍ପାଦକ ଜଗନ୍ନାଥ ଶତପଥି, ଯୁଗ୍ମ ସମ୍ପାଦକ ଦିପ୍ତି ରଂଜନ ଦାଶ ଏବଂ କୋଷାଧକ୍ଷ ଭାବେ ସନ୍ତୋଷ ଭାରତୀ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ । ଉପଦେଷ୍ଟା ଭାବେ ଗଗନ ବିହାରୀ ସାହୁ, ରବିନ୍ଦ୍ର କୁମାର ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ପ୍ରଶାନ୍ତ କୁମାର ରାଉତ ଓ ଅରୁଣ କୁମାର ଓଝା ମନୋନୀତ ହୋଇଥିଲେ । ରବିନ୍ଦ୍ର କୁମାର ଜେନାଙ୍କୁ ରାଜ୍ୟ ପରିଷଦକୁ ଏବଂ ସଂଜୟ କୁମାର ମିଶ୍ରଙ୍କୁ ଜାତୀୟ ପରିଷଦକୁ ମନୋନୀତ କରାଯାଇଥିବା ଏସ୍.ୟୁ.ଜେ. ରାଜ୍ୟ ସଭାପତି କୈଳାସ ନାୟକ ଘୋଷଣା କରିଥିଲେ ।

## ଅକ୍ଷୟ ପ୍ରଧାନ ସ୍ମୃତି ସମାରୋହ

ଭୁବନେଶ୍ୱର (ପିଏନ୍)–ଓଡ଼ିଶାର ବିଶିଷ୍ଟ ଶ୍ରମିକ ଓ କମ୍ୟୁନିଷ୍ଟ ନେତା, ସିପିଆଇର ପୂର୍ବତନ ରାଜ୍ୟ ସହସମ୍ପାଦକ, ବିପ୍ଳବୀ ଅକ୍ଷୟ କୁମାର ପ୍ରଧାନଙ୍କ ୨୨ତମ ରାଜ୍ୟ ସ୍ତରୀୟ ସ୍ମୃତି ସମାରୋହ ଆଜି ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି ।

ସ୍ମୃତି ସଂସଦର ସଭାପତି ଦିବାକର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସ୍ମୃତି ସଂସଦର ସମ୍ପାଦକ ମହେଶ୍ୱର ରାଉତ ପ୍ରାରମ୍ଭିକ ସୂଚନା ଦେବା ପରେ ସିପିଆଇର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଅଭୟ ସାହୁ, ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ, ବିଶିଷ୍ଟ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ବିଧାୟକ ଶଶୀଭୂଷଣ ବେହେରା, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ ଓ ସିପିଆଇ(ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ- ଭଗବତୀ ପାଣିଗ୍ରାହୀଙ୍କ ପରି ଅକ୍ଷୟ ପ୍ରଧାନ ଖୁବ୍ କମ୍ ବୟସରେ ଆମଠାରୁ ବିଦାୟ ନେଇ ଚାଲିଗଲେ, ଯେତେବେଳେ କି ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନ ତାଙ୍କଠାରୁ ବହୁତ କିଛି ଆଶା କରୁଥିଲା। ଆଜି ଭାରତବର୍ଷରେ ସାମ୍ପ୍ରଦାୟିକ ଫାସିଷ୍ଟ ଶକ୍ତିମାନେ ଦେଶର କେନ୍ଦ୍ର କ୍ଷମତାକୁ ଅକ୍ତିଆର କରି ଗଣତନ୍ତ୍ର, ସମ୍ବିଧାନ ଓ ଧର୍ମନିରପେକ୍ଷତାକୁ ବିପନ୍ନ କରିବା ସହିତ ଭାରତବର୍ଷର ଆତ୍ମା ବିବିଧତା ମଧ୍ୟରେ ଏକତାକୁ ଧ୍ୱଂସ କରିବାକୁ ଉଦ୍ୟମ ଚଳାଇଛନ୍ତି, ସେତେବେଳେ ଦେଶର ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ଐକ୍ୟବଦ୍ଧ ହୋଇପାରିଲେ ଅକ୍ଷୟ ପ୍ରଧାନଙ୍କ ପ୍ରତି ତାହା ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ।

ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ପୁରୀ ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ମହାନ୍ତି, ଦେବେନ୍ଦ୍ର ସାହୁ, ବିଜୟ ମହାନ୍ତି ଓ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମାରୋହରେ ବିଶିଷ୍ଟ ନାରୀନେତ୍ରୀ ପ୍ରମୋଦିନୀ ପାଇକରାୟ, କୃଷକ ନେତା ପୀତାମ୍ବର ଦାସ ଓ କୃଷ୍ଣଚନ୍ଦ୍ର ରାଉତ ଏବଂ ଖଣି ଶ୍ରମିକ ନେତା ରାଜାରାମ ମୁଣ୍ଡାଙ୍କୁ ୨୦୨୨ର ଅକ୍ଷୟ ସମ୍ମାନ ଅର୍ପଣ କରାଯାଇଥିଲା।

## —ଶହିଦ୍ ଲକ୍ଷ୍ମଣ ନାୟକ—





ପୂଣ୍ୟ ଭୂମି ଭାରତବର୍ଷ ବହୁ ପ୍ରାଚୀନ କାଳରୁ ନିଜର ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଭ୍ୟତା, ଧର୍ମ-କର୍ମ ଓ ଦର୍ଶନ ପାଇଁ ପୃଥିବୀରେ ଅର୍ଜନ କରିଛି ସୁଖ୍ୟାତି। ଏହି ଭୂମିର ମୂଳରେ ରହିଛି ଯୋଗଜନ୍ମା, ମହାମାନବ, ମହାପୁରୁଷ ଓ ମନୀଷୀମାନଙ୍କର ମହତ୍ ଅବଦାନ। ସାଂପ୍ରତିକ ପୃଥିବୀରେ ସ୍ୱାଧୀନ ଭାରତର ଏକ ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ରହିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ଥିଲା ଭାରତ ପାଇଁ ଦୁର୍ବିସହ ଦୁଃଖଦୁର୍ଦ୍ଦଶା ଓ ଯନ୍ତ୍ରଣାର ଦିନ। ବର୍ଷ ବର୍ଷ ପରାଧୀନତା ଓ ଦାସତ୍ୱ ଶୃଙ୍ଖଳରେ ଛଟପଟ ହେଉଥିଲା ପୁଣ୍ୟ ଭୂମିର ମଣିଷ। ଜନତାର ଦୁଃଖ କଷ୍ଟ, ଶୋଷଣ ପେଷଣ, ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନୀଳକଣ୍ଠ ପରି ପାନ କରି ଯେଉଁ ମହାପୁରୁଷମାନେ ଦେଶକୁ ଦେଲେ ସୁଖ, ଶାନ୍ତି ଓ ସ୍ୱାଧୀନତାର ଅମୃତଧାରା ସେମାନଙ୍କ ମଧ୍ୟରୁ ଲକ୍ଷ୍ମଣ ନାୟକ ହେଉଛନ୍ତି ଜଣେ।

ଅବିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡ଼ ଘେରା ମାଲକାନଗିରି ତା ଭିତରେ ଆଦିବାସୀ ଗାଆଁ ତେନ୍ତୁଳିଗୁମ୍ମା। ଅଗନା ଅଗନି ବନସ୍ତର ସେହି ଗାଁରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାର୍ଗଶୀର କୃଷ୍ଣ ପଂଚମୀ ବୁଧବାର ବିଛା ୮ ଦିନ କୁଆଁ କୁଆଁ ରାବ ଦେଇ ପଦଲମ୍ ନାୟକଙ୍କ ଘରେ ଜନ୍ମ ନେଲେ ଲକ୍ଷ୍ମଣ ନାୟକ। ପଦ୍‌ଲମ୍‌ଙ୍କର ତିନିପୁଅ ମଧ୍ୟରେ ଲକ୍ଷ୍ମଣ ନାୟକ ମଝିଆଁ। ଜୟପୁର ଗଡ଼ଜାତ ରାଜ୍ୟର ରାଜା ପଦ୍‌ଲମ୍‌ଙ୍କୁ ଚାରୋଟି ଗାଁର ଭଲ ମନ୍ଦ ବୁଝିବାକୁ ଦାୟିତ୍ୱ ଦେଇଥିଲେ। ତାଙ୍କ ପରିବାର ଧାନ, ମାଣ୍ଡିଆ ଚାଷ କରିବା ସଙ୍ଗେ ସଙ୍ଗେ ଗୋରୁ ଗାଈ ପାଳନ ଓ ଶୀକାର କରି ଚଳୁଥିଲେ। ଲକ୍ଷ୍ମଣ ପିଲାଦିନେ ବାପାଙ୍କଠାରୁ ଅକ୍ଷର ଲେଖି ଶିଖିଥିଲେ। ସେ ପାଖରେ ଥିବା କୋଲାବ ନଈରେ ସାଂଗ ସାଥିଙ୍କ ସହିତ ମାଛ ଧରିବା ଓ ପାହାଡ଼ ଜଙ୍ଗଲରେ ଶୀକାର କରିବା ଥିଲା ତାଙ୍କର ନିତିଦିନିଆ ଅଭ୍ୟାସ।

ଲକ୍ଷ୍ମଣ ଉଣେଇଶି ବର୍ଷ ହେଲାବେଳେ ସାନଗୁମ୍ମା ଗାଁର ଘାସୀ ଭୂମିଆଙ୍କ ଝିଅ ମଙ୍ଗୁଳିଙ୍କୁ ବିବାହ କରିଥିଲେ। ଆଦିବାସୀ ନୀତିରେ ଲକ୍ଷ୍ମଣଙ୍କ ପିତା ଝିଅ ଘରକୁ ଯୌତୁକ ଦେଇଥିଲେ। ଦେଢ଼ବର୍ଷରେ ତାଙ୍କର ଗୋଟିଏ ପୁଅ ହେଲା ତାର ନାମ ରଘୁନାଥ। ପଦଲମ ନାୟକ ବୁଢ଼ା ହୋଇଯିବାରୁ ଲକ୍ଷ୍ମଣଙ୍କୁ ଲୋକଙ୍କର ହାନିଲାଭ ବୁଝିବା ପାଇଁ ମୁଖିଆ ଦାୟିତ୍ୱ ଦେଇଥିଲେ। ଲକ୍ଷ୍ମଣ ଗାଁ ମୁଖିଆ ଭାବରେ ଗାଁ ଗଣ୍ଡାର ଉନ୍ନତିରେ ମନଦେଲେ। ଲକ୍ଷ୍ମଣ ଗୁଣି ଗାରେଡ଼ି, ଚେରମୂଳି ଚିକିତ୍ସା ଓ ପୂଜା କରିବାରେ ସେ ଅଂଚଳରେ ଜଣାଶୁଣା ହୋଇଗଲେ। କୃଷିର ଉନ୍ନତି, ଗ୍ରାମ ପୁନର୍ଗଠନ, ରାସ୍ତା ଘାଟ ଉନ୍ନତି ମୁସ୍ତାଦା ଲକ୍ଷ୍ମଣ ନାୟକ ହାତକୁ ନେଲେ। ପ୍ରତିଦିନ ସଞ୍ଜରେ ଗାଁ ଚଉପାଢ଼ିରେ ନ୍ୟାୟ ନିଶାପ, ଗୀତନାଚ ଚାଲେ। ଆଖପାଖ ଗାଁ ଗଣ୍ଡାର ମୁଖିଆମାନେ ଆସି ଲକ୍ଷ୍ମଣଙ୍କ ସହିତ ବିଭିନ୍ନ ବିଷୟରେ ପରାମର୍ଶ ଲୋଡ଼ନ୍ତି।

ଲକ୍ଷ୍ମଣ, ସୀତା ରାମ ରାଜୁଙ୍କ ସହିତ ଥିବା ଯୁବକ ଚନ୍ଦ୍ରକୁଟିଆଙ୍କ ସହିତ ପରିଚିତ ହୋଇ ବନ୍ଧୁକ ମାରିବା ଶିକ୍ଷା ପାଇଥିଲେ। ନୀଳକଣ୍ଠ ପାତ୍ରଙ୍କ ସହିତ ଲକ୍ଷ୍ମଣ ପରିଚିତ ହୋଇ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଆଲୋଚନା କଲେ। ଆମ ରାଜ୍ୟର ବଡ଼ଲାଟ ହବାକ ସାହେବ କୋରାପୁଟ ଆସିବା ସମୟରେ କର୍ମଚାରୀମାନେ ଲୋକମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କଲେ। ଏହି ଖବର ନୀଳକଣ୍ଠ ପାତ୍ର "ସମାଜ"ରେ ବାହାର କରିଦେବାରୁ ସରକାର ଲୋକଙ୍କର କ୍ଷତି ପୂରଣ ଦେଲେ। ୧୯୩୬ ମସିହାରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦେଲେ, ଖଦଡ଼ ବସ୍ତ୍ର ପରିଧାନ କରି ରାମଧୂନ୍ ଗାନକଲେ। "କାଟି ପିନ୍ଧ ଓ କୁଟି ଖାଅ" ବାର୍ତାକୁ ତାଙ୍କ ଦେଶୀୟ ଭାଷାରେ ପ୍ରଚାର କଲେ। ସ୍ୱରାଜ ଆନ୍ଦୋଳନ ବନନିଆଁ ପରି ମାଡିଗଲା। କୋରାପୁଟର ଆଗୁଆ ନେତା ହୋଇ ବାହାରିଲେ ରାଧାକୃଷ୍ଣ ବିଶ୍ୱାସରାୟ, ନୀଳକଣ୍ଠ ପାତ୍ର, ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମଣ ନାୟକ।

୧୯୪୨ ଅଗଷ୍ଟ ୨୧ ତାରିଖରେ "କର ବା ମର" ଡାକରା ଆସିଲା। ଗାନ୍ଧିଜୀଙ୍କ ସହିତ ବଡ଼ ବଡ଼ ନେତାଙ୍କୁ ଇଂରେଜ ସରକାର ଜେଲରେ ରଖିଲେ। ଲକ୍ଷ୍ମଣଙ୍କ ଡାକରାରେ ହଜାର ହଜାର ଲୋକ ପଟୁଆର କରି ମାଥିଲି ଥାନା ଘେରାଉ କଲେ। ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ ସତ୍ୟାଗ୍ରହୀମାନେ ମାଡ଼ି ଚାଲିଲେ। ପୋଲିସଙ୍କ ଲାଠିମାଡ଼ରେ ଲକ୍ଷ୍ମଣଙ୍କର ବାରମ୍ବାର ଚେତା ଯାଉଥାଏ। ଏହି ସମୟରେ ଜଣେ ପୋଲିସ ତାଙ୍କ ନିଶ ପୋଡିଦେଲେ। ଲକ୍ଷ୍ମଣ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି। ଲିଙ୍ଗ ଭୂମିଆ ଓ ନକୁଳ ମାଡ଼କାମୀ ତ୍ରିରଙ୍ଗା ବାନା ଛାତ ଉପରେ ଉଡାଇବା ସମୟରେ ପୋଲିସ ଗୁଳିରେ ଶହୀଦ ହୋଇଗଲେ। ତାପରେ ସମରାୟ ନାୟକ, ଗୋପ ପୂଜାରୀ, କେଣ୍ଡେ ସୁନାଝରିଆ, ଗୁରୁ କୋଟିଆ, ବଳରାମ ଭୂମିଆ, ଉଦୟନାଥ ଓଡି, ନରସିଂହ ଡମ୍ବା, ଅର୍ଜୁନ କାଟିଆ ପ୍ରଭୃତି ପୋଲିସ ଗୁଳି ମାଡ଼ରେ ଜୀବନ ଦେଲେ। ପୋଲିସ ମାଡ଼ରେ ଭୁଲ୍ ବଶତଃ ଜଙ୍ଗଲ ଜଗୁଆଳୀ ରାମାୟା ମରିଯିବାରୁ ପୋଲିସ ପ୍ରଚାର କରିଦେଲେ ଲକ୍ଷ୍ମଣଙ୍କ ମାଡରେ ଜଗୁଆଳୀ ମରିଗଲା। ଥାନାବାବୁ ହୁକୁମ ଦେଲେ ଲକ୍ଷ୍ମଣଙ୍କୁ ପାଚିରୀ କଡ଼ ନାଳରେ ପିଙ୍ଗିଦିଅ। ଦୁଇଜଣ ଚେତା ନଥିବା ସଂଗ୍ରାମୀଙ୍କଠାରୁ ପୋଲିସେ ଖଣ୍ଡେ ଲେଖାଏଁ ଧଳା ଅଲେଖା କାଗଜରେ ଟିପ ଚିହ୍ନ ନେଇ ସେଥିରେ ଲେଖିଦେଲା ଆମେ ଲକ୍ଷ୍ମଣ ନାୟକ କଥାରେ ପଡ଼ି ମାଥିଲି ଥାନା ପୋଡ଼ିବାକୁ ଯାଇଥିଲୁ ପୋଲିସ ଗୁଳିମାରିବାରୁ ଆମେ ପଡିଗଲୁ। ଏଣେ ଲକ୍ଷ୍ମଣ ନାୟକ ଚେତା ଫେରିପାଇ ଭିଷଣ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଅଗଷ୍ଟ ୨୨ ତାରିଖ ରାତିରେ ଜୟପୁରରେ ପହଂଚିଲେ। ଶୂନ୍‌ଶାନ୍ ସହରଟା ଦେଖିଲେ କଂଗ୍ରେସ ଅଫିସ୍ ଆଗରେ ତାଲା। ଲକ୍ଷ୍ମଣର ଶବ ନଥିବାରୁ ପୋଲିସ୍ ମାଥିଲି ଥାନା ପୋଡି ଘଟଣାରେ ହୁଲିଆ ଜାରି କରିଛି। ଜଣେ କଂଗ୍ରେସ କର୍ମୀ ଏହି ଖବର ଲକ୍ଷ୍ମଣଙ୍କୁ ଦେବାରୁ ସେ ନିଜ ଗାଁ ରାମଗିରି ପାହାଡକୁ ଚାଲିଗଲେ। ସେଠାରେ ଫଳମୂଳ ଖାଇ ପେଟର ଭୋକ ଓ ଦେହର ଦରଦ କମାଇଲେ ସିନା ମନରେ ତାଙ୍କର ଜଳିଲା ରାଗରୋଷର ନିଆଁ।

ଲକ୍ଷ୍ମଣ ନଥିବାରୁ ଗାଁରେ ପୋଲିସର ପ୍ରବଳ ଅତ୍ୟାଚାର। ଆଠ ଦିନ ପରେ ଜଙ୍ଗଲରୁ ଲକ୍ଷ୍ମଣ ଗାଁକୁ ଫେରିଲେ। ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଗଲା। ସୂତାକଟା, ରାମଧୂନ୍, ସ୍ୱରାଜ ଲଢ଼େଇ ସବୁ କାମ ଚାଲିଲା। ତିନିଦିନ ପରେ ପୋଲିସ୍ ଗାଁ ଚାରିପଟେ ଘେରାଉକଲେ। ଲକ୍ଷ୍ମଣଙ୍କ ଭାରିଜା ମଙ୍ଗୁଳି ଗିନାରେ ଯାଉଟିକେ ଦେବା ସମୟରେ ପୋଲିସ୍ ଲକ୍ଷ୍ମଣଙ୍କୁ ହାତ କଡ଼ା ପକାଇ ଗାଁ ଦାଣ୍ଡରେ ଚଲାଇ ଚଲାଇ ନେଇଗଲେ।

ଲକ୍ଷ୍ମଣ ପରେ ତାଙ୍କର ପୁଅ ରଘୁନାଥକୁ ମଧ୍ୟ ମାଥିଲି ଥାନାରେ ବନ୍ଦୀ କରି ରଖାଗଲା। ମଙ୍ଗୁଳି ଦୁଇଟି ଛେଳି ବିକି ପୋଲିସ୍ ବାବୁଙ୍କୁ ପଇସା ଦେବାରୁ ରଘୁନାଥ ଥାନାରୁ ମୁକୁଳିଲେ। ଥାନାରେ ଚାଲିଲା ଚିହ୍ନଟ ପ୍ରକ୍ରିୟା। ହାଟ ଦଣ୍ଡିଆ ଓ ମଦ ଦୋକାନୀ ଚିହ୍ନଟ ଦେଲେ। ୫୪ ଜଣଙ୍କୁ ରାଜଦ୍ରୋହ ଅପରାଧରେ କୋରାପୁଟ ଜେଲକୁ ପଠାଗଲା। ୧୯୪୨ ମସିହା ଅକ୍ଟୋବର ମାସରୁ ଲକ୍ଷ୍ମଣଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହେଲା। ସରକାରଙ୍କ ତରଫରୁ ତେତିଶି ଜଣ ସାକ୍ଷୀ ଦେଲେ। ଜଙ୍ଗଲ ଜଗୁଆଳୀ ରାମାୟାକୁ ଲକ୍ଷ୍ମଣ ଓ ବଳରାମ ଠେଙ୍ଗାରେ ପିଟି ପିଟି ମାରିଦେଲେ। ବିଚାରପତି ୩୩ ଜଣଙ୍କ ଠାରୁ ସାକ୍ଷୀନେଇ ୧୯୪୨ ମସିହା ନଭେମ୍ବର ୧୩ ତାରିଖ ଦିନ ରାୟ ଘୋଷଣା କଲେ। ଥାନା ପୋଡ଼ି, ସରକାରୀ ଖଜଣା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ମାରିଦେବା ଘଟଣାକୁ ନେଇ ବିଚାରପତି ନେତୃତ୍ୱ ନେଉଥିବା ଲକ୍ଷ୍ମଣ ନାୟକଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀ ଖୁଂଟରେ ଝୁଲାଇବାକୁ ରାୟଦେଲେ। ଲକ୍ଷ୍ମଣଙ୍କୁ କୋରାପୁଟ ଜେଲରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଗଲା। ସେଠାରେ ଲକ୍ଷ୍ମଣ ସଦାଶିବ ତ୍ରିପାଠୀ ଓ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ଦେଖି ବହୁତ ଖୁସି ହେଲେ। କଂଗ୍ରେସର ବଡ଼ ବଡ଼ ନେତା ଲକ୍ଷ୍ମଣଙ୍କ ବିଚାର ଉପରେ କୋର୍ଟରେ କରିବାକୁ ଦାବିକଲେ।

ପାଟଣା ହାଇକୋର୍ଟରେ ଲକ୍ଷ୍ମଣଙ୍କ ବିଚାର ଚାଲିଲା। ଲକ୍ଷ୍ମଣଙ୍କ ଓକିଲ ରାଧାଚରଣ ଦାସ, ମୋକଦ୍ଦମା ବୁଝାବୁଝି କଲେ। ଓକିଲ ପିତାମ୍ବର ମିଶ୍ର ମଧ୍ୟ ଲକ୍ଷ୍ମଣଙ୍କ ସପକ୍ଷରେ ଯୁକ୍ତି କରିଥିଲେ, କିନ୍ତୁ ଉଭୟ ବିଚାରପତି ତଳ କୋର୍ଟର ଦଣ୍ଡକୁ କାଏମ ରଖି ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯିବ ବୋଲି ରାୟ ପ୍ରଦାନ କଲେ। ମାର୍ଚ୍ଚ ୨୮ତାରିଖରେ ସବୁ ରାଜବନ୍ଦୀ ଲକ୍ଷ୍ମଣ ନାୟକଙ୍କୁ ଶେଷ ସାକ୍ଷାତ୍ କଲେ। ସଦାଶିବ ତ୍ରିପାଠୀ ପଚାରିବାରୁ ଲକ୍ଷ୍ମଣ ନାୟକ କହିଲେ "ସ୍ୱରାଜ ପାଇଁ ଆମ୍ଭେ ସକଳେ ଲଢୁଥିଲୁ। ମୁଁ ସେତକ ଏ ଜୀବନରେ ଦେଖି ପାରିଲି ନାହିଁ। ସେତିକି ଦୁଃଖ ରହିଗଲା। ହେଲେ ତୁମେମାନେ ଦେଖିବ, ମୋ ପିଲାମାନେ ଦେଖିବେ, ସେଥିରେ ମୁଁ ଖୁସି। ମୋ ପୁଅ ଝିଅକୁ ବାହା କରାଇଦେବ"। ଜଣେ ବନ୍ଧୁ ଜେଲକୁ ଆସିଥିଲେ ଦେଖାକରିବାକୁ ତାଙ୍କୁ ସେ କହିଲେ ଗାନ୍ଧିଜୀଙ୍କ ତପସ୍ୟାର ଫଳ ଦିନେ ଦେଶ ସ୍ୱାଧୀନ ହେବ। ତୁମ୍ଭେ ସମସ୍ତେ ମିଳିମିଶି ସ୍ୱାଧୀନତା ଉପଭୋଗ କରିବ।

ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍‌ରେ କଏଦୀମାନେ "ବନ୍ଦେ ମାତରମ୍", "ମହାତ୍ମା ଗାନ୍ଧିଜୀ ଜୟ" ଲକ୍ଷ୍ମଣ ନାୟକ ଜୟ" ଧ୍ୱନି ଦେଲେ। ଭୋର ୫ଟାରେ ଗୀତାପାଠ ସାରି ବୀର ଦର୍ପରେ ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଂଟ ପାଖକୁ, ସେତେବେଳେ ସେ ଗାଉଥିଲେ ରଘୁପତି ରାଘବ ରାଜାରାମ...। ଶେଷ ଇଚ୍ଛା ପ୍ରକାଶ କରିବାକୁ ଜେଲବାବୁ କହିବାରୁ ଲକ୍ଷ୍ମଣ କହିଥିଲେ- ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଭାରତ ମାତା ସ୍ୱାଧୀନ ହେବ।

ଫାଶୀ ପରେ ତାଙ୍କ ଜ୍ଞାତିକୁଟୁମ୍ବଙ୍କୁ ଖବର ଦିଆଯାଇ ନ ଥିଲା। ଇଂରେଜମାନେ ତାଙ୍କର ମୃତଦେହକୁ ସେହି ଜେଲ ଭିତରେ ପୋତି ଦେଇଥିଲେ। ସରକାର ଢୋଲ ବଜାଇ ଲକ୍ଷ୍ମଣ ନାୟକ ଫାଶୀ ପାଇଲେ ବୋଲି ଲୋକମାନଙ୍କୁ ଜଣାଇଦେଲେ। ପୁଅ ରଘୁନାଥ ପିତାଙ୍କ ମୃତ୍ୟୁ ସମ୍ବାଦ ଢୋଲ ବାଜିବାରୁ ଜାଣିବାକୁ ପାଇଲେ। ସେଦିନ ସମସ୍ତ ବନ୍ଦୀ ଉପବାସ ପାଳନ କଲେ। ସନ୍ଧ୍ୟା ସମୟରେ ଏକ ଶୋକସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଗାନ କରାଗଲା।

***"ଲକ୍ଷ୍ମଣ ଭାଇରେ ଲକ୍ଷ୍ମଣ ଭାଇ/ମୁକତି ଲଢେଇ ଡାକରା ପାଇ। ଫାଶୀରେ ଚଢ଼ିଲୁ ଆମରି ପାଇଁ/ଆଗଭର ହୋଇ ଆସିଲୁ ଧାଇଁ...."***

ଫାଶୀ ପୂର୍ବରୁ ଲକ୍ଷ୍ମଣ ନାୟକଙ୍କ ଧରିତ୍ରୀ ଓ ମହାତ୍ମା ଗାନ୍ଧୀ ଥିବା ପୁନା ସହରକୁ ପ୍ରଣାମ ଜଣାଇ ଏହି ଗୀତ ଗାଇଥିଲେ–

***"ମରିନାହିଁ କେବେ ମରିବିନାହିଁ/ମୋ ପାଇଁ ଭାବନା କରିବ ନାହିଁ। .... ମନରେ ଏତିକି ଆଜି ମୋର ଖୁସି/କିବା ଦୋଷେ ଭାଇ ପିନ୍ଧିଲି ମୁଁ ଫାଶୀ। ପୁନା ସହରକୁ ପ୍ରଣାମ କରି ମୁଁ ଦେଲି ମୋର ପ୍ରାଣ ପୃଥିବୀ ପାଇଁ।"***

ଭାରତ ମାତା ତାର ଜଣେ ବୀର ସୁଯୋଗ୍ୟ ସନ୍ତାନକୁ ହରାଇଲା। ନିଃସ୍ୱାର୍ଥପର, ନିର୍ଭିକ, ଜନନାୟକ ଲକ୍ଷ୍ମଣ ନାୟକ ଆମ୍ଭ ନିକଟରେ ଚିରସ୍ମରଣୀୟ ହୋଇ ରହିବେ। ସେଥିପାଇଁ ପିଲାମାନେ ଗାଆନ୍ତି।

***"ଲକ୍ଷ୍ମଣ ନାଏକ ହେ ଲକ୍ଷ୍ମନ ନାଏକ/ଦେଶ ଲାଗି ଫାଶୀ ଖୁଂଟେ ଝୁଲାଇଲ ବେକ/ରଖିଗଲ ଓଡିଶାର ଟେକ।"***

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ.-୯୯୩୭୬୯୧୪୭୫

## ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର (ପିଏନ୍): ଇତିମଧ୍ୟରେ ଭାରତ ମଜଦୁର ସଂଘ କାର୍ଯ୍ୟାଳୟରେ ଆଶାକର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମଗ୍ର ୩୦ଗୋଟି ଜିଲ୍ଲାରୁ ଆଶାକର୍ମୀ ସଂଘର ଜିଲ୍ଲା ପଦାଧିକାରୀମାନେ ଯୋଗ ଦେଇଥିଲେ। ଆଶାକର୍ମୀ ସଂଘର ରାଜ୍ୟ ସମ୍ପାଦିକା କମଳା ବେହେରାଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ପାଇଁ ଯୋଜନା ପ୍ରସ୍ତୁତ ହେବା ସଙ୍ଗେସଙ୍ଗେ ଆସନ୍ତା ୨୯ ତାରିଖରେ ସଂଘର କିଛି ଦାବି ପୂରଣ ପାଇଁ ସରକାରଙ୍କୁ ଘେରିବା ସକାଶେ ବିଧାନସଭା ସମ୍ମୁଖରେ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପ୍ରକାଶ କରିଛନ୍ତି ଭାରତ ମଜଦୁର ସଂଘର ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ। ଏହି ବିକ୍ଷୋଭ ପ୍ରଦର୍ଶନରେ ସମଗ୍ର ରାଜ୍ୟରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଆଶାକର୍ମୀମାନେ ବିଧାନସଭା ଘେରାଉ କରିବେ। ଏହି ଧାରଣା ଏବଂ ଘେରାଉ ୩୦ ତାରିଖରୁ ପର୍ଯ୍ୟାୟକ୍ରମେ ଅନବରତ ଜିଲ୍ଲାଓ୍ୱାରୀ ଧାରଣା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଆଶାକର୍ମୀ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏତଦ୍‌ବ୍ୟତୀତ ସଂଘର ମୁଖ୍ୟ ଦାବି ହେଲା ଆଶା କର୍ମୀମାନଙ୍କୁ ସ୍ଥାୟୀ କରାଯାଉ। ଯେହେତୁ ସ୍ୱାସ୍ଥ୍ୟ ସମସ୍ୟା ଏକ ନିରନ୍ତର ସମସ୍ୟା ଓ ସ୍ଥାୟୀ ସମସ୍ୟା ଅଟେ। ଏନ୍.ଏଚ୍.ଏମ୍. ପ୍ରୋଜେକ୍ଟ ମଧ୍ୟ ସ୍ଥାୟୀ ପ୍ରୋଜେକ୍ଟ ହୋଇଥିବାରୁ ଆଶାକର୍ମୀମାନଙ୍କୁ କାର୍ଯ୍ୟମଧ୍ୟ ସ୍ଥାୟୀ ହେବା ଆବଶ୍ୟକ। ଏହି ଏନ୍.ଏଚ୍.ଏମ୍. ପ୍ରାଜେକ୍ଟରେ କାମ କରୁଥିବା ଆଶାକର୍ମୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ବୋଲି ବାରମ୍ବାର ଆମେ ଦାବି କରିଆସୁଅଛୁ। ୨୯ ତାରିଖଠାରୁ ଆରମ୍ଭ ହେବାକୁ ଥିବା ବିକ୍ଷୋଭ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ। ଆଶାକର୍ମୀମାନେ ସବୁ କାମ ବନ୍ଦ କରି ବିକ୍ଷୋଭରେ ସାମିଲ୍ ହେବେ, ତା'ସତ୍ତ୍ୱେ ଯଦି ସରକାର ଆମ ଦାବି ନ ଶୁଣନ୍ତି, ତେବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ବି.ଏମ୍.ଏସ୍.ର ସମ୍ପାଦକ ବିନୟ କୁମାର ତ୍ରିପାଠୀ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା ମଧୁସୂଦନ ମହାପାତ୍ର, ସମ୍ପାଦିକା କମଳା ବେହେରା, ସହସମ୍ପାଦିକା ରେଣୁବାଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday November 23, 2022 ଭୁବନେଶ୍ୱର ବୁଧବାର, ନଭେମ୍ବର ୨୩,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଯୋଡା ମହୋତ୍ସବ ନିମନ୍ତେ ପ୍ରଥମ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ



ଯୋଡା,(ପି.ଏନ):ମଙ୍ଗଳବାର ଅପରାହ୍ନରେ ଯୋଡା ମହୋତ୍ସବ ୨୦୨୩ର ପ୍ରଥମ ପ୍ରସ୍ତୁତି ବୈଠକ ଯୋଡା ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଯୋଡା ପୌରପାଳିକା ପୌରାଧ୍ୟକ୍ଷ ଡଃ ଜଗଦୀଶ ପ୍ରଦାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କ ସମେତ କମିଟିର ସଦସ୍ୟ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ମହୋତ୍ସବକୁ ଖୁବ୍ ସରସ ସୁନ୍ଦର କରାଯିବା ସଂକ୍ରାନ୍ତରେ ମତାମତ ଉପସ୍ଥାପନ କରିଥିଲେ । ୨୦୧୯ ଜାନୁଆରୀରେ ଯୋଡାରେ ପ୍ରଥମଥର ପାଇଁ ଯୋଡା ମହୋତ୍ସବ ଆୟୋଜନ ହୋଇଥିବା ବେଳେ ୨୦୨୦ ଜାନୁଆରୀରେ ମଧ ଏହି ପ୍ରକ୍ରିୟା ଜାରି ରହିଥିଲା । ମହୋତ୍ସବକୁ ନିୟମିତ ଭାବେ ପ୍ରତ୍ୟେବ ବର୍ଷ ଆୟୋଜନ କରିବାକୁ ଥିବା ବେଳେ କରୋନା କଟକଣା ଯୋଗୁଁ ଏହା ବନ୍ଦ ରହିଥିବା ବେଳେ ୨୦୨୩ ଜାନୁଆରୀରେ ତୃତୀୟ ଯୋଡା ମହୋତ୍ସବ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୨୩ ଜାନୁୟାରୀ ୧୯ ତାରିଖରୁ ୨୨ ତାରିଖ ୪ ଦିନ ଧରି ଯୋଡା ସହର ଉପକଣ୍ଠରେ ତୃତୀୟଥର ନିମନ୍ତେ ମହୋତ୍ସବ ତାରିଖ ନିର୍ଘଣ୍ଟ ହୋଇଥିବା ବେଳେ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ସହ ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ମଙ୍ଗଳବାର ପ୍ରଥମ ପ୍ରାରମ୍ଭକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ଉତ୍କଳୀୟ ଉତ୍କୃଷ୍ଟ କଳା, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ମଧ ବିଶିଷ୍ଟ କଳାକାରମାନେ ଏହି ମହୋତ୍ସବରେ ଆମନ୍ତ୍ରଣ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି । ଏହି ମହୋତ୍ସବରେ ମୁଖ୍ୟ ଆକର୍ଷଣ ରୂପେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ସାଙ୍ଗକୁ ଆମ ଓଡିଶାରେ ଥିବା ବିଭିନ୍ନ ଅଂଚଳର ପାରମ୍ପରିକ ଲୋକନୃତ୍ୟ ମଧ ପ୍ରଦର୍ଶନ କରିବାର ସ୍ଥିରୀକୃତ ହୋଇଛି । ଏଥିସହ ଯୋଡାର ଇତିହାସ, କଳା, ସଂସ୍କୃତି ଓ ପରମ୍ପରା ଉପରେ ଏକ ସ୍ମରଣିକା ଉନ୍ମୋଚନ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଆଲୋଚନା ହୋଇଥିଲା । ପୂର୍ବ ବର୍ଷ ପରି ୨୦୨୩ ମହୋତ୍ସବରେ ଡଗ୍ ସୋ, ଫୁଲ ପ୍ରଦର୍ଶନୀ, ଯୋଗ କର୍ମଶାଳା, ୫ ରୁ ୧୩ ବର୍ଷର ଝିଅଙ୍କ ନିମନ୍ତେ ବିୟୁଟି ପ୍ରତିଯୋଗିତା, ଚିତ୍ରାଙ୍କନ, ସଙ୍ଗୀତ, ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ସହ ବଡି ବିଲଡିଂ ପ୍ରଭୃତି ପ୍ରତିଯୋଗିତା ଆୟୋଜିତ କରାଯିବାର କାର୍ଯ୍ୟକ୍ରମ ସର୍ବସମ୍ମତି କ୍ରମେ ଖସଡା ପ୍ରସ୍ତୁ ହୋଇଥିବା ମହୋତ୍ସବ କମିଟି ସଂଯୋଜକ ସୁଶାନ୍ତ କୁମାର ବାରିକ ପ୍ରକାଶ କରିଛନ୍ତି ।

## ପାରାଦୀପ ବନ୍ଦର ପଣ୍ୟବର୍ଥରେ ଲାଗିଲା ବୃହତକାୟ ଜାହାଜ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପଣ୍ୟବର୍ଥରେ ୧୯ ତାରିଖ ଦିନ ଏକ ବୃହତକାୟ ଜାହାଜ(କେପ୍ ସାଇଜ୍ ଭେସେଲ୍)ଲାଗିଛି । ଏମ୍.ଭି.କ୍ୟୁରୋନ ନାମକ ଏହି ଜାହାଜ ପାରାଦୀପ ବନ୍ଦରର କେଆଇସିଟି ବର୍ଥରେ ଲାଗିଛି । ପାରାଦୀପ ବନ୍ଦରକୁ ୧,୩୫,୮୬୧ ଟନ୍ ଆମଦାନୀ କୋଇଲା ସହ ପହଂଚିଛି । ଏହି ଏମ୍.ଭି.କ୍ୟୁରୋନ ଜାହାଜର ଲମ୍ବ ୨୯୨ ମିଟର,ଚଉଡା ୪୫ ମିଟର ଏବଂ ୧୫.୪ମିଟର ଗଭୀର । ପାରାଦୀପ ବନ୍ଦରରେ ଆମଦାନୀ ପଣ୍ୟ କ୍ଷେତ୍ରରେ ଏହା ସର୍ବବୃହତ ଏବଂ ସର୍ବାଧିକ ପଣ୍ୟ ଆଣିଥିବା ଜାହାଜ । ଟାଟା ଷ୍ଟିଲ୍ ଏହାର ଆମଦାନକାରୀ ଏବଂ ଏଜେଂଟ ।

## ନୌସେନା ଦିବସ ଅବସରରେ ପାରାଦୀପରେ ଯୁଦ୍ଧ ଜାହାଜ ଘଡିଆଲ୍

ପାରାଦୀପ,(ପି.ଏନ): ଭାରତୀୟ ନୌସେନା ଡିସେମ୍ବର ୪ ତାରିଖରେ ଏହାର ପ୍ରତିଷ୍ଠା ଦିବସ ପାଳନ କରିଥାଏ । ଏହି ଅବସରରେ ଚଳିତ ମାସ ୨୧ ତାରିଖ ଦିନ ପାରାଦୀପ ବନ୍ଦରର କେଆଇସିଟି ବର୍ଥରେ ଲାଗିଛି ଯୁଦ୍ଧ ଜାହାଜ ଘଡିଆଲ୍ । ଏହା ପାରାଦୀପ ବନ୍ଦରରେ ଦୁଇ ଦିନ ଧରି ଏହି ଯୁଦ୍ଧ ଜାହାଜ ଅବସ୍ଥାନ କରିବ । ଏହି ଦୁଇ ଦିନ ମଧ୍ୟରେ ପାରାଦୀପ ଅନ୍ତେବାସୀ ମାଗଣାରେ ଜାହାଜ ଦେଖି ପାରିବା ସହିତ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ସୁଯୋଗ ଦେଇଛି ଭାରତୀୟ ନୌସେନା । ମଙ୍ଗଳବାର ଦିନ ବହୁ ଜନସାଧାରଣ ବନ୍ଦରର ୪ ନମ୍ବର ଗେଟ୍ ପାଖରେ ପହଂଚିଥିଲେ । ସେମାନଙ୍କୁ ନୌସେନା ପକ୍ଷରୁ ବସ୍ ଯୋଗେ ଯୁଦ୍ଧ ଜାହାଜ ନିକଟକୁ ନିଆଯାଇଥିଲା । ବୁଧବାର ଦିନ ମଧ ଏହି କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଜଣାପଡିଛି ।

## ଉପରକାଦକଳା ସ୍ଥିତ ପ୍ରକାଶ ଇଣ୍ଡଷ୍ଟ୍ରୀ ଖଣିରେ ଖଣି ସୁରକ୍ଷା ସପ୍ତାହ ପାଳିତ

କେନ୍ଦୁଝର,(ପି.ଏନ):ବର୍ତ୍ତମାନର ସମସ୍ତ ଖଣିରେ ଖଣି ସୁରକ୍ଷା ସପ୍ତାହ ପାଳିତ ହେଉଛି । ଏହି ଅବସରରେ କେନ୍ଦୁଝର ଜିଲ୍ଲା ଆଦିବାସୀ ଅଧୁଷିତ ବାଂଶପାଳ ବ୍ଲକର ଅପହଂଚ ଅଂଚଳ ଉପରକାଦକଳା ସ୍ଥିତ ପ୍ରକାଶ ଇଣ୍ଡଷ୍ଟ୍ରୀ ଦ୍ୱାରା ଏହି ସପ୍ତାହକୁ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଛି । ଏହି ଖଣି ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ସଲିଯୋଡା ଓ କାଳିମାଟି ସ୍ଥିତି ଆଇରନ୍, ମିନେରାଲ ମାଇନ୍ସର ଜେନେରାଲ ମ୍ୟାନେଜର ଜନ୍ମେଜୟ ମହାନ୍ତ ଓ ବାପାଦିତ୍ୟ ଘୋଷ, ଓଏସ୍‌ସିର ସେଲ୍ଫି ଅଫିସର ଜ୍ୟୋତିରଂଜନ ମହାନ୍ତ ଦେଇଥିବା ବେଳେ ପ୍ରକାଶ ଇଣ୍ଡଷ୍ଟ୍ରୀର ଉପସଭାପତି ଦୀପସ ଦାସ, ଆଂଚଳିକ ଜି.ଏମ୍. ମୃତ୍ୟୁ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଖଣିରେ କାର୍ଯ୍ୟରତ ଶ୍ରମିକ ନିଶୀରୁ ନିବୃତ ରହି ସୁରକ୍ଷିତ ଭାବରେ ଖଣି ଅଂଚଳ କାର୍ଯ୍ୟ କରିବା ସହ ସୁରକ୍ଷା ଯୋତା ଓ ହେଲମେଟ ପିନ୍ଧି କାର୍ଯ୍ୟ କରିବା ପାଇଁ ନିବେଦନ କରିବା ସହ ନିଜ ପରିବାର ପାଇଁ ସେମାନଙ୍କ ଗୁରୁତ୍ୱ ବୁଝାଇବା ସହ ନାଟକ ମାଧ୍ୟମରେ ଏହାକୁ ଚିତ୍ରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ଆଖପାଖ ଅଂଚଳର ଅନେକ ଜନସାଧାରଣଙ୍କ ସହ ବୁଦ୍ଧିଜୀବୀ ଆସିଥିବା ବେଳେ ପ୍ରକାଶ ଇଣ୍ଡଷ୍ଟ୍ରୀର ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଶେଷରେ କମ୍ପାନୀ କର୍ତ୍ତୃପକ୍ଷ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଦଳି ସତ୍ତ୍ୱେ କାର୍ଯ୍ୟରେ ଯୋଗ ଦେଉନାହାଁନ୍ତି ସମବାୟ କର୍ମଚାରୀ, ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କଲେ ସଦର ବିଧାୟକ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଅଡିଟ ଅଫିସର ଜଣେ ବରିଷ୍ଠ କିରାଣୀ ସୁଜିତ୍ କୁମାର ନାୟକ ଙ୍କ ବିରୁଦ୍ଧରେ ଦୂର୍ନିତୀ ଅଭିଯୋଗ ପରେ ପ୍ରଶାସନିକ କାରଣରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ସମବାୟ ଅଡିଟ ଅଫିସ କୁ ବଦଳି ହୋଇଥିଲେ ହେଁ ସେ ଦୀର୍ଘ ୪ ମାସ ହେବ କାର୍ଯ୍ୟରେ ଯୋଗ ଦେଉନାହାଁନ୍ତି । ବଦଳି ଆଦେଶ ସତ୍ତ୍ୱେ କାମରେ ଯୋଗ ନ ଦେଇ କେନ୍ଦୁଝର ରେ ବୁଲାବୁଲି କରିବା ସହିତ ଅମଲା ସଂଘ କାମ କାର୍ଯ୍ୟରେ ସାମିଲ ହେଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି । ପ୍ରକାଶ ଯେ, ସୁଜିତ୍ କୁମାର ନାୟକ କେନ୍ଦୁଝର ସମବାୟ ବିଭାଗ ଅଧିନସ୍ଥ ଅଡିଟ ଅଫିସରେ ଥଇଥାନ ଯୋଜନାରେ ନିଯୁକ୍ତି ପାଇଛନ୍ତି । ଏଠାରେ ସେ ଦୀର୍ଘ ୨୪ ବର୍ଷ ଗୋଟିଏ କାର୍ଯ୍ୟାଳୟରେ କାମ କରିଛନ୍ତି । ତେବେ ତାଙ୍କ ବିରୁଦ୍ଧରେ ଅଭିଯୋଗ ହେବା ପରେ ସମବାୟ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ୩ ଟି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାବେଳେ ଆର୍ଥିକ ଅନୀୟମିତତା ଭଳି ଗୁରୁତର ଅଭିଯୋଗ ରହିଛି । ଏଣୁ ବିଭିନ୍ନ କାରଣରୁ ତାଙ୍କୁ ଗତ ୩୦/୦୬/ ୨୦୨୨ ରେ ଢେଙ୍କାନାଳ ଜିଲ୍ଲା ଅଡିଟ ଅଫିସ କୁ ବଦଳି କରାଯାଇ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ସହାକାରୀ ମହାସମୀକ୍ଷକ,ସମବାୟ ସମିତି ସମୂହ,କେନ୍ଦୁଝର ଆଦେଶ କରିଥିଲେ । ଏହା ପରେ ତାଙ୍କୁ ରିଲିଭ କରାଯାଇଥିଲେ ହେଁ ସେ ନୂତନ ସ୍ଥାନରେ କାର୍ଯ୍ୟରେ ଯୋଗ ନ ଦେଇ କେନ୍ଦୁଝର ରେ ରହି ଅମଲା ସଂଘର କାମ କାର୍ଯ୍ୟରେ ସାମିଲ ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ସମବାୟ ବିଭାଗ ମନ୍ତ୍ରୀ ଏବଂ ପ୍ରମୁଖ ସଚିବ ଙ୍କ ନିକଟରେ ଦାବୀ କରିଛନ୍ତି । ସମବାୟ ବିଭାଗ ୫ ଟି ଅଧିନରେ ରହିଥିବା ସତ୍ତ୍ୱେ ଉଚ୍ଚ ଅଧିକାରୀଙ୍କ ଆଦେଶ କୁ ଅବଜ୍ଞା କରାଯାଉଥିବାରୁ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ମାଝୀ ଦାବୀ କରିଛନ୍ତି । ଏ ନେଇ ଢେଙ୍କାନାଳ ସହକାରୀ ମହାସମୀକ୍ଷକ, ସମବାୟ ସମିତି ସମୂହ ଗୌତମ ମହାଲ୍ଲିକ ଙ୍କ ସହ ଯୋଗାଯୋଗ କରିବାରୁ ସେ କାର୍ଯ୍ୟରେ ଯୋଗ ଦେଇନଥିବା ପ୍ରକାଶ କରଛନ୍ତି । ଏ ନେଇ ସେ ମହାସମୀକ୍ଷକ,ସମବାୟ ସମିତି ସମୂହ, ଭୁବନେଶ୍ୱର ଙ୍କୁ ଅବଗତ କରିଛନ୍ତି ।

## ଦେଓଗାଁରେ କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ

ଘଷିପୁରା:(ପି.ଏନ):ଆନନ୍ଦପୁର ଉପଖଣ୍ଡ ଦେଓଗାଁ ଠାରେ ଦୀର୍ଘ ୧୨ ବର୍ଷ ଧରି କାର୍ତ୍ତିକେଶ୍ୱର ପୂଜା ପୂର୍ତ୍ତି ଅବସରରେ ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି କ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନ ଶାଳପଡାର ନୃତ୍ୟଶିଳ୍ପୀମାନେ ନୃତ୍ୟଗୁରୁ ଜିତୁ ଦାସଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ ଆମ ପରମ୍ପରା, ଏ ଗାଁ ମୋର, ସମ୍ବପପୁରୀ, ପୁରୁଣା ଓଡିଆ, ହିନ୍ଦୀ, ଦଳଗତ ନୃତ୍ୟକୁ ନୃତ୍ୟଶିଳ୍ପୀ ପ୍ରୀତି ପ୍ରତ୍ୟୁଷା, ଲକ୍ସ୍ମି ସାହୁ, ଆରର୍ତ୍ତିକା ଦେହୁରୀ, ଦେବାଙ୍ଗୀ ସେନାପତି, ତେଜସ୍ୱିନୀ ରାଉତ, ଲୀନୁ ମହାନ୍ତି, ଶୁଭଲକ୍ଷ୍ମୀ ସ୍ୱାଇଁ, ମୋନିକା ଦାଶ, ବିନୋଦ ଓଝା ପ୍ରମୁଖ ପରିବେଷଣ କରିଥିଲେ । ଗାଁ ର ଝୀଅବୋହୂ ତଥା ଆବାଳ ବୃଦ୍ଧ ବନୀତା ବିଳମ୍ବିତ ରାତିଯାଏଁ ନୃତ୍ୟର ମଜ୍ଜା ନେଇଥିଲେ ।

## ସର୍ବଭାରତୀୟ ଅଭିଯାନ, ସମୃଦ୍ଧ ଭାରତ ଗଠନ ନିମନ୍ତେ ସମାଧାନ ଭିତ୍ତିକ ଗଣମାଧ୍ୟମ

କେନ୍ଦୁଝର,(ପି.ଏନ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦୁଝର ତରଫରୁ ସ୍ଥାନୀୟ ସାମନ୍ତରାୟପୁର ସ୍ଥିତ ସେବାକେନ୍ଦ୍ରଠାରେ ମଙ୍ଗଳବାର ଦିନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ଆଧ୍ୟାତ୍ମିକ ସ୍ନେହମିଳନ ତଥା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଯୋଗଦେଇ ସମାଜକୁ ସକରାତ୍ମକ ରୂପେ ପ୍ରଭାବିତ କରିବାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିବା ସଂଗେ ସଂଗେ ବ୍ୟକ୍ତିଗତ ସ୍ତରରେ ମାନସିକ ଶାନ୍ତି ଦ୍ୱାରା ସନ୍ତୁଳିତ ସମାଜ ଗଠନ ସମ୍ଭବ ବୋଲି ବକ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜଯୋଗ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ବ୍ରହ୍ମାକୁମାରୀଜ ର ମିଡିଆ ପ୍ରଭାଗ ର ରାଷ୍ଟ୍ରୀୟ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ସୁଶାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଧାନ ଭିତ୍ତିକ ଗଣମାଧ୍ୟମ ଗଠନ ପାଇଁ ବ୍ୟକ୍ତିଗତ ସ୍ତରରେ ସଶକ୍ତ ଓ ସମାଧାନଶୀଳ ହେବାକୁ ପଡିବ ଏବଂ ଆଧ୍ୟାତ୍ମିକ ଜ୍ଞାନ ଆଧାରରେ ଆତ୍ମନିର୍ଭର ହେବାକୁ ପଡିବ ବୋଲି ଉଦ୍‌ବୋଧନ ଦେଇଥିଲେ । ସେଥିପାଇଁ ସର୍ବଶକ୍ତିର ଉତ୍ସ ପରମାତ୍ମାଙ୍କ ସହ ମାନସିକ ଓ ବୌଦ୍ଧିକ ସମ୍ବନ୍ଧ ଯୋଡିବା ପାଇଁ ରାଜଯୋଗ ଅଭ୍ୟାସୀ ହେବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ସମାଜକୁ ସମୃଦ୍ଧ କରିବାରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମିଡିଆ ପ୍ରଭାଗ ର କ୍ଷେତ୍ରୀୟ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ନଥମଲ ଏହି ସର୍ବଭାରତୀୟ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ପ୍ରେସ୍ କ୍ଲବର ସଭାପତି ନିରନ ନାୟକ ଏବଂ କେନ୍ଦୁଝର ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ସଂପାଦକ ମାନସ ରଜ ତ୍ରିପାଠୀ ଅଭିଯାନର ସଫଳତା ପାଇଁ ଶୁଭେଚ୍ଛା ବାର୍ତ୍ତା ଜଣାଇବା ସହିତ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଆୟୋଜକ ବ୍ରହ୍ମାକୁମାରୀଜ,କେନ୍ଦୁଝର ଏବଂ ନିମନ୍ତ୍ରିତ ବକ୍ତାମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଫରିଦାବାଦ, ଦିଲ୍ଲୀରୁ ଆସିଥିବା ବିଶିଷ୍ଟ ପ୍ରେରକ ବକ୍ତା ରାଜଯୋଗିନୀ ବ୍ରହ୍ମାକୁମାରୀ ପୁନମ ସକରାତ୍ମକ ବିଚାର ଉତ୍ପନ୍ନ କରିବା ପାଇଁ ରାଜଯୋଗର ଉପାଦେୟତା ସଂପର୍କରେ ସବିଶେଷ ବର୍ଣ୍ଣନା କରିବା ସହ ରାଜଯୋଗ ଅଭ୍ୟାସ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ୬୦ତମ ବାର୍ଷିକ ଧାତୁ ଖଣି ସୁରକ୍ଷା ସପ୍ତାହ ପାଳିତ



ଯୋଡା,(ପି.ଏନ):ଯୋଡା ପୂର୍ବ ଲୌହ ଖଣି ଓ ଖଣ୍ଡବନ୍ଧ ଲୌହ ଏବଂ ମାଙ୍ଗାନିଜ ମାଇନ୍ସ ପକ୍ଷରୁ ସୋମବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲାର ଯୋଡା କେନ୍ଦ୍ରୀୟ ଖେଳପଡିଆ ଠାରେ ୬୦ତମ ବାର୍ଷିକ ଧାତୁ ଖଣି ସୁରକ୍ଷା ସପ୍ତାହ ପ୍ରତିଯୋଗିତା - ୨୦୨୦ ପାଳିତ ହୋଇଯାଇଛି । ଏହି ଦିନିକିଆ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ଅନ୍ତର୍ଗତ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍) ଚାଇଁବସା କ୍ଷେତ୍ର ତତ୍ତ୍ୱାବଧାନରେ ଶିକ୍ଷାନୁଷ୍ଠାନ ଏବଂ ପ୍ରମୁଖ ଖନନ ଉପକରଣ ନିର୍ମାଣକାରୀମାନେ ୫୦ରୁ ଅଧିକ ଷ୍ଟଲରେ ଖଣି ସୁରକ୍ଷା ଉପରେ ବିଭିନ୍ନ ପ୍ରକାର କାର୍ଯ୍ୟକାରୀ ମଡେଲ ପ୍ରଦର୍ଶିତ କରିଥିଲେ । ଏହି ଅବସରରେ ଚାଇଁବସା କ୍ଷେତ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ ଅଲତାଫ୍ ହୁସେନ୍ ଅନସାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲ ଓ ଏମ୍‌କ୍ୟୁ ବିଭାଗ ମହାପ୍ରବନ୍ଧକ ଅତୁଲ ଉଚ୍ଚନାଗର ଏବଂ ବିଭିନ୍ନ ଖଣିର ପ୍ରତିନିଧି ଏବଂ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । କାର୍ଯ୍ୟକାରୀ ମଡେଲ ଗୁଡିକର ସ୍ୱୟଂ ଚାଳିତ ସୁରକ୍ଷା ବୈଶିଷ୍ଟ ଏବଂ ଉଚ୍ଚସ୍ତରର ସୁରକ୍ଷା ମାନବ ଷ୍ଟଲ ନୀରିକ୍ଷଣ କରୁଥିବା ଅଧିକାରୀଙ୍କ ସହିତ ଦର୍ଶକ ମାନଙ୍କୁ ମଧ ବେଶ୍ ପ୍ରଭାବିତ କରିଥିଲା । କିଛି ମଡେଲ ଗୁଡିକରେ ଡିଜିଟାଲ ନବୀନତା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମାଧାନର ପ୍ରଦର୍ଶନ କରାଯାଇଥିଲା । ଯାହା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବା ସହିତ ଏହାକୁ ଦେଖିବା ପାଇଁ ଲୋକମାନଙ୍କ ବେଶ୍ ଭିଡ ଜମିଥିଲା । ଖଣିରେ ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ ପାଇଁ ସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ ଦିଗରେ ଉନ୍ନତି ଆଣିବା ନିମନ୍ତେ ଖଣି ମାଲିକ, କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ଏଥିରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଏହି ଅବସରରେ ଉଦ୍‌ବୋଧନ ଦେଇ ଅନସାରୀ ଖଣି କମ୍ପାନୀ ଗୁଡିକର ସୁରକ୍ଷା ପ୍ରଣାଳୀରେ ଡିଜିଟାଇଜେସନ୍ ଏବଂ ଅଟୋମେସନ୍ ପ୍ରକ୍ରିୟା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଛନ୍ତି ଯେ, ଆମର ସମସ୍ତ ଖନନ କାର୍ଯ୍ୟରେ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ସହିତ ଆମ କାର୍ଯ୍ୟ ସଂସ୍କୃତିରେ ନିହିତ ରହିବା ଆବଶ୍ୟକ । ବ୍ୟବସ୍ଥିତ ଦୃଷ୍ଟିକୋଣ ଓ ସଠିକ୍ ମନୋଭାବ ଆମକୁ ଖନନ କାର୍ଯ୍ୟରେ ଶୂନ୍ୟ କ୍ଷତି ହାସଲ କରିବାରେ ସହାୟତା କରିବ । ଉପସ୍ଥିତ ଲୋକମାନଙ୍କୁ ଉଦ୍‌ବୋଧନ ଦେଇ ଅତୁଲ ଉଚ୍ଚନାଗର ଟାଟା ଷ୍ଟିଲରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସହିତ ବିଭିନ୍ନ ସୁରକ୍ଷା ପଦକ୍ଷେପ ଉପରେ ବିସ୍ତୃତ ବିବରଣୀ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray